ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୫ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 15 DECEMBER 2023

Vol.No. 34 ■ No. 328■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଶ୍ରୀକୃଷ୍ଣ ଜନ୍ମଭୂମି ବିବାଦ

ମସଜିଦରେ ସର୍ଭେକୁ ମିଳିଲା ହାଇକୋର୍ଟଙ୍କ ଅନୁମତି



ନୂଆଦିଲ୍ଲୀ, ୧୪/୧୨ : ମଥୁରା ଶ୍ରୀକୃଷ୍ଣ ଜନ୍ମଭୂମି ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। ଉତ୍ତର ପ୍ରଦେଶ ମଥୁରା ସ୍ଥିତ ଶ୍ରୀକୃଷ୍ଣ ଜନ୍ମଭୂମିକୁ ଲାଗିକି ଥିବା ଶାହି ଇଦଗାହ କମ୍ପ୍ଲେକ୍ସର ପ୍ରାଥମିକ ସର୍ଭେକୁ ମିଳିଛି କୋର୍ଟଙ୍କ ଅନୁମତି। ଆଜି ବିଚାର କରି ମସଜିଦରେ ସର୍ଭେ କରାଇକୁ ଅନୁମତି ଦେଇଛନ୍ତି ଆହ୍ଲାବାଦ ହାଇକୋର୍ଟ। ଆହ୍ଲାବାଦ ହାଇକୋର୍ଟଙ୍କ ତିନି ଜଣିଆ ଖଣ୍ଡପୀଠ ଏ ଉପରେ ବିଚାର କରି ସର୍ଭେକୁ ଅନୁମତି ଦେଇଛନ୍ତି। ହିନ୍ଦୁ ପକ୍ଷ ଓକିଲ ବିଷ୍ଣୁ ଶଙ୍କର ଜୈନ ଏନେଇ ସୂଚନା ଦେଇଛନ୍ତି। ଶାହି ଇଦଗାହ ମସଜିଦ ପକ୍ଷ ଓକିଲଙ୍କ ଯୁକ୍ତିକୁ କୋର୍ଟ ପ୍ରତ୍ୟାଖ୍ୟାନ କରିବା ସହ ହିନ୍ଦୁ ପକ୍ଷଙ୍କ ଆବେଦନକୁ ଅନୁମତି ଦେଇଥିବା ସେ କହିଛନ୍ତି। ହିନ୍ଦୁ ପକ୍ଷ ଦାବି ଅନୁସାରେ, ଭଗବାନ କୃଷ୍ଣଙ୍କ ଜନ୍ମସ୍ଥାନର ୧୩.୩୭ ଏକର ଜମିରେ ଏକ ମନ୍ଦିର ଭାଙ୍ଗି ଇଦଗାହ ମସଜିଦ ନିର୍ମାଣ କରାଯାଇଛି। ମୋଗଲ ଶାସନ ସମୟରେ ଔରଙ୍ଗଜେବଙ୍କ ଦ୍ୱାରା ମନ୍ଦିର ଭଙ୍ଗାଯାଇ ମସଜିଦ ନିର୍ମାଣ କରାଯାଇଥିଲା। ଏହି ମାମଲାର ମୂଳ ମକଦ୍ଦମା ହାଇକୋର୍ଟରେ ବିଚାରାଧୀନ ଅଛି।ଏ ଉପରେ ହାଇକୋର୍ଟରେ ପ୍ରାୟ ୧୭ ଟି ମକଦ୍ଦମା ବିଚାରାଧୀନ ରହିଛି, ଯେଉଁଥିରେ ମୁଖ୍ୟ ଆବେଦନ କରାଯାଇଛି ଯେ, ମସଜିଦ ଥିବା ବିବାଦୀୟ ଜମିର ଯାଞ୍ଚ କରାଯାଉ ଏବଂ ସେଠାରୁ ମସଜିଦକୁ ହଟାଯାଉ। ହିନ୍ଦୁ ପକ୍ଷଙ୍କ ଦାବି ଅନୁସାରେ, ମସଜିଦରେ ପଦ୍ମଫୁଲ ଏବଂ ନାଗ ଫଣା ଚିହ୍ନ ରହିଛି। ସମସ୍ତ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ ମସଜିଦର ଯାଞ୍ଚ ପାଇଁ ଆହ୍ଲାବାଦ ହାଇକୋର୍ଟ ଅନୁମତି ଦେଇଛନ୍ତି।

ସିଆଇଏସଏଫ ଯବାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଉରକେଲା, ୧୪/୧୨ (ନି.ପ୍ର): ରାଉରକେଲାରେ ସିଆଇଏସଏଫ ଯବାନଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର। ସିଆଇଏସଏଫ ବାରାକ ପରିସର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର। ମୃତଦେହ ଜବତ କରି ପ୍ଲାଣ୍ଟସାଇଟ୍ ଥାନା ପୁଲିସର ତଦନ୍ତ କରୁଛି। ମୃତ ଯବାନଙ୍କ ନାମ ସାହିଲ କୁମାର ଜଣାପଡ଼ି ଥିବା ବେଳେ ସେ କନଷ୍ଟେବଳ ରାଙ୍କର ବୋଲି ସୂଚନା ରହିଛି। ଆଜି ଯବାନଙ୍କର ଗଛରୁ ଝୁଲନ୍ତା ମୃତଦେହ ମିଳିଛି। ଖବର ପାଇ ପ୍ଲାଣ୍ଟ ସାଇଟ୍ ଥନା ପୁଲିସ ଓ ଉଓଝର ର ଅଫିସର ମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ବିଜେଡିର କାର୍ଯ୍ୟକାରିଣୀ ବୈଠକ ଆଜି

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଶୁକ୍ରବାର ପୂର୍ବାହ୍ନରେ ଶଙ୍ଖ ଭବନରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ। ଆସନ୍ତା ୨୬ ତାରିଖରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହେବାକୁ ଯାଉଛି। ବୈଠକରେ ପ୍ରତିଷ୍ଠା ଦିବସ ଉପରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ବିଧାୟକ, ସାଂସଦ, ବରିଷ୍ଠ ନେତାଙ୍କ ସହ ଯୁବ ନେତାମାନେ ଏହି ବୈଠକରେ ଯୋଗଦେବେ । ପ୍ରତିଷ୍ଠା ଦିବସରେ ବହୁ ଜନହିତକର କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ଜୀବନବିନ୍ଦୁ, ବୃକ୍ଷ ରୋପଣ, ଗଣଦୌଡ଼ ଭଳି ବହୁ କାର୍ଯ୍ୟକ୍ରମ ସବୁ ପଂଚାୟତଠାରୁ ଆରମ୍ଭ କରି ଜିଲ୍ଲାସ୍ତରରେ ଆରମ୍ଭ ହେବ । ଆଗାମୀ ଦିନରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ସଂଗଠନକୁ ସୁଦୃଢ଼ କରିବ । ମୁଁ ବି ହେବି ନବୀନ ଓଡ଼ିଶା ସାରଥୀ' ଏହି କାର୍ଯ୍ୟକ୍ରମ ଜରିଆରେ ବହୁ ଯୁବକ ଓ ଛାତ୍ରମାନେ ସାମିଲ ହେବେ ବୋଲି ବିଜେଡି ନେତା ଦେବୀ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଶାରଳା ମନ୍ଦିର ହୁଣ୍ଡିରୁ ଚୋରି

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ଓ ପ୍ରାଚୀନ ଶକ୍ତିପୀଠ ମା'ଶାରଳାଙ୍କ ପୀଠରେ ଥିବା ବଡ଼ ହୁଣ୍ଡିରୁ ଚୋରି ହୋଇଛି । ଗତକାଲି ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରେ କନକପୁର ଫାଣ୍ଡି ଅଧିକାରୀ ଓ ତିର୍ତ୍ତୋଲ ଥାନା ଅଧୀନରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

କାଶୀପୁରରେ ଲାଗିଲା ମାଓ ପୋଷ୍ଟର

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ମଣ୍ଡି ବିଶି ପଂଚାୟତ କାର୍ଯ୍ୟଳୟରେ ଲାଗିଲା ମାଓ ପୋଷ୍ଟର ଓ ବ୍ୟାନର। ଏହି ମାଓ ପୋଷ୍ଟର ଲଗାଇ ପୁଣି ଥରେ ନିଜ ଉପସ୍ଥିତି ଜାହିର କରିଛନ୍ତି ମାଓବାଦୀ । ଏହି ପୋଷ୍ଟରରେ ବଂଶଧାରା ନାଗାବଳୀ ଡିଭିଜନାଲ କମିଟି ବା ବାଘୁନା ଉଲେଖ ରହିଛି ।ମୈତ୍ରୀ କମ୍ପାନି ଓ କମ୍ପାନୀ ବିରୋଧରେ ଆନ୍ଦୋଳନକାରୀଙ୍କ ଗିରଫଦାରୀକୁ ନିନ୍ଦା କରାଯାଇଛି ।

ବନ୍ଧା ହେଲେ ନୟାଗଡ଼ ସବ୍‌ରେଜିଷ୍ଟ୍ରାର

ନୟାଗଡ଼ , ୧୪/୧୨ (ନି.ପ୍ର): ନୟାଗଡ଼ ଜିଲ୍ଲା ସବ୍‌ରେଜିଷ୍ଟ୍ରାର ଶାଶ୍ୱତ ପଟ୍ଟନାୟକଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟ ତୁଳନାରେ ୭୯% ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଗତକାଲି ଭିଜିଲାନ୍ସ ପକ୍ଷରୁ ଶାଶ୍ୱତ ପଟ୍ଟନାୟକଙ୍କ ୬ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ଅନେକ ସମ୍ପତ୍ତି ଠାବ କରାଯାଇଛି। ଶାଶ୍ୱତଙ୍କର କେନ୍ଦ୍ରାପଡ଼ା ସହରର ତଳବାରଙ୍ଗଠାରେ ୨୩୫୦ ବର୍ଗଫୁଟ୍‌ର ▶▶ପୃଷ୍ଠା ୭

ଭୁବନେଶ୍ୱରରେ ୮ ହଜାର ଟଙ୍କା ଲାଂଚ ନେଇ ଧରାପଡ଼ିଲେ ସେକ୍ସନ ଅଫିସର



ଭୁବନେଶ୍ୱର, ୧୪ /୧୨ (ନି.ପ୍ର): ଆଠ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଭୁବନେଶ୍ୱର ସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ଅଫିସର ସେକ୍ସନ ଅଫିସର (ଝଡ) ଶୁଭକାନ୍ତ ସ୍ୱାଇଁ। କଣ୍ଟ୍ରାକ୍ଟର ଲାଇସେନ୍ସ ପ୍ରଦାନ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ସେକ୍ସନ ଅଫିସର ଶୁଭକାନ୍ତ ସ୍ୱାଇଁ ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ସଂପୃକ୍ତ ବ୍ୟକ୍ତିଙ୍କ ଭାଇ ଭିଜିଲାନ୍ସକୁ ଖବର ଦେଇଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଆଜି ଅଭିଯୋଗକାରୀ ସେକ୍ସନ ଅଫିସର ଶୁଭକାନ୍ତ ସ୍ୱାଇଁଙ୍କୁ ୮୦୦୦ ଟଙ୍କା ଦେଇଥିଲେ। ଶ୍ରୀ ସ୍ୱାଇଁ ଲାଞ୍ଚ ଅର୍ଥ ନେବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ▶▶ପୃଷ୍ଠା ୭

ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କଲେ ଦୁଇ ହାର୍ଡକୋର ନକ୍ସଲ

ଭୁବନେଶ୍ୱର, ୧୪ /୧୨ (ନି.ପ୍ର): ଦୁଇ ଜଣ ହାର୍ଡକୋର ନକ୍ସଲ ଆଜି କନ୍ଧମାଳରେ ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେମାନେ ହେଉଛନ୍ତି ରଞ୍ଜିତ ନୈତମ ଓରଫ ବୁଟଲୁ ଓ ଉଙ୍ଗା ପୋୟାମ ଓରଫ ରାଜେଶ। ସେମାନେ ନକ୍ସଲଙ୍କ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍) ଡିଭିଜନ ପାଇଁ କାମ କରୁଥିଲେ। ରଞ୍ଜିତ ଏରିଆ କମିଟି ସଦସ୍ୟ ଥିଲେ। ସେହିପରି ଉଙ୍ଗା ପୋୟାମ ପାର୍ଟି ମେମ୍ବର ଥିଲେ। ଉଭୟ ରଞ୍ଜିତ ଓ ଉଙ୍ଗାଙ୍କ ଘର ଛତିଶଗଡ଼ରେ। ନକ୍ସଲଙ୍କ ଉତ୍ତର-ଦକ୍ଷିଣ କରିଡର ଯାହା ଦକ୍ଷିଣ-କେନ୍ଦ୍ରୀୟ ଓଡ଼ିଶା ଦେଇ ଝାରଖଣ୍ଡରୁ ଛତିଶଗଡ଼ ଯାଏଁ ବ୍ୟାପିଛି, ସେଠାରେ ପୁଣି ସଂଗଠନକୁ ସକ୍ରିୟ କରିବାକୁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନେ ୨୦୧୭ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। ସେମାନେ ଛତିଶଗଡ଼ ଓ ଓଡ଼ିଶାରେ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଉଭୟ ରଞ୍ଜିତ ଓ ଉଙ୍ଗା ଦୀର୍ଘ ଦିନ ହେବ ବୌଦ୍ଧ ଏସ୍?ପିଙ୍କ ସହ ଯୋଗାଯୋଗରେ ଥିଲେ। ସେମାନେ ଆତ୍ମସମର୍ପଣ କରି ସାଧାରଣ ଜୀବନ ଯାପନ କରିବାକୁ ଚାହୁଁଥିଲେ। ନକ୍ସଲ ସଂଗଠନର ବିଭିନ୍ନ କାର୍ଯ୍ୟକଳାପରେ ଉଭୟ ଅସନ୍ତୁଷ୍ଟ ଥିଲେ। ବିଶେଷ କରି ମହିଳା କ୍ୟାଡରମାନଙ୍କୁ

ସଂସଦରେ ସ୍ମୋକ ଆଟାକ: ୭ ଦିନିଆ ରିମାଣ୍ଡରେ ୪ ଅଭିଯୁକ୍ତ

ନୂଆଦିଲ୍ଲୀ, ୧୪/୧୨ (ନି.ପ୍ର): ସଂସଦର ସୁରକ୍ଷା ବଳୟକୁ ଭେଦ କରି ହଙ୍ଗାମା କରିଥିବା ୪ ଅଭିଯୁକ୍ତଙ୍କୁ ଆଜି ଦିଲ୍ଲୀ ପୁଲିସ୍ ୭ ଦିନିଆ ରିମାଣ୍ଡରେ ନେଇଛି। ସେମାନଙ୍କୁ ଆଜି ଦିଲ୍ଲୀର ଗୋଟିଏ କୋର୍ଟରେ ହାଜର କାରାଯାଇଥିଲା। ପୁଲିସ୍ ୧୫ ଦିନିଆ ରିମାଣ୍ଡ ଆବେଦନ କରିଥିଲେ ହେଁ କୋର୍ଟ ଜେରା ପାଇଁ ୭ ଦିନର ସମୟ ଦେଇଛନ୍ତି। ସାଗର ଶର୍ମା ଓ ମନୋରଞ୍ଜନ ସଂସଦ ଭିତରେ ପ୍ରବେଶ କରିଥିବା ବେଳେ ନୀଲମ ଦେବୀ ଓ ଅମୋଲ ସିନ୍ଦେ ସଂସଦ ବାହାରେ ରହି ବିକ୍ଷୋଭ କରିଥିଲେ। ସେମାନେ ହଳଦିଆ ଧୂଆଁ ମଧ୍ୟ ମାଡ଼ କରିଥିଲେ। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ପାଇଁ ପୁଲିସ୍ ସମସ୍ତଙ୍କୁ ରିମାଣ୍ଡରେ ନେଇଛି। ସଂସଦ ସୁରକ୍ଷା ତ୍ରୁଟି ଘଟଣାରେ ପୁଲିସ୍ ୫ ଜଣଙ୍କୁ ବୁଧବାର ଗିରଫ କରିଥିଲା। ସାଗର ଶର୍ମା ଓ ▶▶ପୃଷ୍ଠା ୭

ମାର୍ଚ୍ଚ ୬ରୁ ନବମ ଶ୍ରେଣୀ ପରୀକ୍ଷା

ଭୁବନେଶ୍ୱର, ୧୪ /୧୨ (ନି.ପ୍ର): ଆସନ୍ତା ମାର୍ଚ୍ଚ ୬ରୁ ରାଜ୍ୟରେ ନବମ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନବମ ଶ୍ରେଣୀ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଫେବୃୟାରୀ ୨୦ରୁ ମାର୍ଚ୍ଚ ୪ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ । ସୂଚନା ଅନୁସାରେ, ନବମ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୬ ତାରିଖରୁ ଆରମ୍ଭ ହେବ । ପରୀକ୍ଷା ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ପରୀକ୍ଷାର ପ୍ରଶ୍ନପତ୍ର ପରୀକ୍ଷା ଆରମ୍ଭର ମାତ୍ର ୨ଘଣ୍ଟା ପୂର୍ବରୁ ଅର୍ଥାତ୍ ୭ଟାରୁ ୯ଟା ମଧ୍ୟରେ ବୋର୍ଡ ୱେବସାଇଟରେ ଉପଲବ୍ଧ ହେବ । ସ୍କୁଲର ଶିକ୍ଷକ/ ଶିକ୍ଷୟିତ୍ରୀମାନେ ନିଜ ସ୍କୁଲର ୟୁଜର ଆଇଡି ଓ ପାସୱାର୍ଡ ବ୍ୟବହାର କରି ଉକ୍ତ ପ୍ରଶ୍ନପତ୍ର ଡାଉନଲୋଡ୍ କରିପାରିବେ । ଏହାର ଜେରକ୍ସ ଅବା ପ୍ରିଣ୍ଟ ଆଉଟ ବାହାର କରି ପରୀକ୍ଷା କରିବେ । ନବମ ଶ୍ରେଣୀ ପରୀକ୍ଷା ପାଇଁ ଯେଉଁ କାର୍ଯ୍ୟସୂଚୀ ▶▶ପୃଷ୍ଠା ୭

ନାରାବାଜି କରିବାରୁ ସଂସଦରୁ ୧୫ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ, ୧୪/୧୨ : ସଂସଦର ସୁରକ୍ଷାରେ ହୋଇଥିବା ସାଂଘାତିକ ତ୍ରୁଟିର ପ୍ରଭାବ ଆଜି ଉଭୟ ଲୋକସଭା ଓ ରାଜ୍ୟସଭାରେ ଦେଖିବାକୁ ମିଳିଛି। ଉଭୟ ଗୃହରେ ବିରୋଧୀ ଦଳର ନେତାମାନେ ପ୍ରବଳ ହଙ୍ଗାମା କରିଛନ୍ତି। ସମସ୍ତେ ଗୋଟିଏ ସ୍ୱରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବିବୃତି ଓ ଇସ୍ତଫା ଦାବି କରି ନାରାବାଜୀ କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭରୁ ହିଁ ସଂସଦର ସୁରକ୍ଷା ତ୍ରୁଟିର ତାତି ଦେଖିବାକୁ ମିଳିଥିଲା। ବାରମ୍ବାର ନାରାବାଜୀ କରି ଏକାଧିକ ବିରୋଧୀ ଦଳର ସଦସ୍ୟ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବାରୁ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେମାନଙ୍କ ଆଚରଣକୁ ଅଶୋଭନୀୟ ଦର୍ଶାଇ ମୋଟ ୧୫ ଜଣ ସାଂସଦଙ୍କୁ ନିଲମ୍ବିତ କରାଯାଇଛି। ଏମାନଙ୍କ ମଧ୍ୟରେ ୧୪ ଜଣ ଲୋକସଭାର ଓ ରାଜ୍ୟସଭାର ଜଣେ ସାଂସଦ ରହିଛନ୍ତି। ଲୋକସଭାରୁ ନିଲମ୍ବିତ ହୋଇଥିବା ୧୪ ଜଣ ସାଂସଦଙ୍କ ମଧ୍ୟରେ ୯ ଜଣ କଂଗ୍ରେସର, ୨ ଜଣ ସିପିଏମ, ଜଣେ ସିପିଆଇ ଓ ୨ ଜଣ ଡିଏମକେ ସଦସ୍ୟ ରହିଛନ୍ତି। କଂଗ୍ରେସ ସାଂସଦ ମଣିକମ ଟାଗୋର, ମହମ୍ମଦ ଜାଭେଦ, ଭିକେ ଶ୍ରୀକାନନ୍ଦନ, ବେନୀ ବେହାନାନ, ଡିନ୍ କୁରିଆକୋସ୍, ହିବି ଇଡେନ୍, ଜୋଥିମଣି, ରମ୍ୟା ହରିଦାସ ଓ ଟିଏନ୍ ପ୍ରତାପନଙ୍କୁ ବାଚସ୍ପତି ନିଲମ୍ବିତ କରିଛନ୍ତି। ଡିଏମକେର କେ କାନିମୋଝି, ଏସଆର ପ୍ରତିବନ, ସିପିଏମର ପିଆର ନଟରାଜନ, ଏସ ଭେଙ୍କଟେଶନ ଓ ସିପିଆଇଏମର କେ ସୌଭରାୟନଙ୍କ ବିରୋଧରେ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ପୁଅ ପାଇଁ ଅଡୁଆରେ ବାଇଡେନ

ୱାସିଂଟନ , ୧୪/୧୨ : ଆମେରିକୀୟ ସଂସଦରେ ବୁଧବାର ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ନେଇ ମତଦାନ ହୋଇଛି। ଏକ ବଡ଼ ରାଜୈତିକ ଘଟଣାକ୍ରମରେ ବାଇଡେନଙ୍କ ପୁତ୍ର ହଣ୍ଟର ବାଇଡେନଙ୍କ ବିବାଦୀୟ ଅନ୍ତର୍ଜାତୀୟ କାରବାରର ନେଣଦେଣ ନେଇ ମହାଭିଯୋଗର ଔପଚାରିକ ତଦନ୍ତ ଲାଗି ସଂସଦର ମଞ୍ଜୁରୀ ମିଳିଛି। ସେପଟେ ବାଇଡେନଙ୍କ ଡେମୋକ୍ରାଟିକ ପାର୍ଟି ଘଟଣାକୁ ସମ୍ପୂର୍ଣ୍ଣ ରାଜନୈତିକ ବୋଲି କହିଛି। ସେହିପରି ମହାଭିଯୋଗ ଆଣିଥିବା ରିପବ୍ଲିକାନ ପାର୍ଟି ଏପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ବିରୋଧରେ ଭ୍ରଷ୍ଟାଚାରର ପ୍ରମାଣ ଉପଲବ୍ଧ କରି ନାହିଁ। ଉଲ୍ଲେଖଯୋଗ୍ୟ ଯେ ଏହି ଯାଞ୍ଚ ପ୍ରକ୍ରିୟା ବାଇଡେନଙ୍କ ନିମନ୍ତେ ଆଗକୁ ପରାଜୟର କାରଣ ହୋଇପାରେ। କାରଣ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଇଡେନଙ୍କ ବିରୋଧରେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢିବେ। ଏଣୁ ମହାଭିଯୋଗ ଯାଞ୍ଚ ନିମନ୍ତେ ସଂସଦର ମଞ୍ଜୁରୀ ଆଗାମୀ ବର୍ଷ ଆମେରିକାରେ ହେବାକୁ ଯାଉଥିବା ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ରାଜନୀତିକୁ ଏବେ ଉଷ୍ମ କରିଛି। ବାଇଡେନଙ୍କ ପୁଅ ହଣ୍ଟରଙ୍କ ଉପରେ ୟୁକ୍ରେନ ଓ ଚୀନ୍‌ରେ ପରିବାର ନାମରେ ତାଙ୍କ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଏହା ଛଡା ହଣ୍ଟର ବାଇଡେନ ବିଳାଶମୟ ଜୀବନ ▶▶ପୃଷ୍ଠା ୭

ଆସନ୍ତା ଲୋକସଭା ନିର୍ବାଚନରେ ଓଡ଼ିଶାରେ ବିଜେପି ଅତିକମ୍‌ରେ ୧୫ଟି ଆସନ ଜିତିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪ /୧୨ (ନି.ପ୍ର): ଆସନ୍ତା ଲୋକସଭା ନିର୍ବାଚନରେ ଓଡ଼ିଶାରେ ବିଜେପି ଅତିକମରେ ୧୫ଟି ଆସନ ଜିତିବ। ଏହି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀରେ ଏକ ଜାତୀୟ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ବିଜେପି ୪୫ ପ୍ରତିଶତ ଭୋଟ୍ ପାଇବ। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆପ୍ରୁଭାଲ୍ ରେଟିଂ ୮୦ ପ୍ରତିଶତରୁ ଅଧିକ ରହିଛି। ୨୦୧୪ ଲୋକସଭା ନିର୍ବାଚନରେ ବିଜେପି ଓଡ଼ିଶାରେ ୨୨ ପ୍ରତିଶତ ଭୋଟ୍ ପାଇବା ସହ ଗୋଟିଏ ଲୋକସଭା ଆସନ ପାଇଥିଲା। ▶▶ପୃଷ୍ଠା ୭

ଶିବତଲାରେ ନୂଆ-ଓ ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବଲାଙ୍ଗୀର, ୧୪/୧୨ (ନି.ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ସହ କ୍ରୀଡ଼ା,ସାମାଜିକ,ସାଂସ୍କୃତିକ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସବୁସ୍ତରରୁ ସରକାର ପ୍ରୋତ୍ସାହନ ଯୋଗାଇଦେଇଛନ୍ତି। ତେଣୁ ଛାତ୍ରଛାତ୍ରୀମାନେ ଉତମଚରିତ୍ର ଗଠନ ସହ ନିଜର ସାମଗ୍ରିକ ବିକାଶ କରି ରାଷ୍ଟ୍ରଗଠନରେ ସହାୟକ ହୁଅନ୍ତୁ ବୋଲି ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଶିବତଲା ଠାରେ ଆୟୋଜିତ ୬ଦିନ ବ୍ୟାପି ନୂଆ-ଓ 'ଯୁବ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ମତବ୍ୟକ୍ତ କରିଛନ୍ତି।

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିବତଲା ଠାରେ ଆୟୋଜିତ ୬ଦିନ ବ୍ୟାପି ନୂଆ-ଓ 'ଯୁବ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କୃପାସିନ୍ଧୁ ଯୋଷୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟଅତିଥି, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଳାପ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭାପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଗଣ ପ୍ରାରମ୍ଭିକ ସଂଗୀତ ଓ ପରେ ଦଳଗତ ଲୋକନୃତ୍ୟ ପରିବେଷଣ କରିଥିଲେ। ସଭାକାର୍ଯ୍ୟ ପରେ ମଂଚାସୀନ ଅତିଥିଗଣ ବିଭିନ୍ନ ଦିବସରେ ଅନୁଷ୍ଠିତ ଏକାଧିକ କ୍ରୀଡ଼ା ପ୍ରତିଯୋଗିତା ସହ ଓଡ଼ିଆ ପ୍ରବନ୍ଧ, ବକୃତା, କ୍ୱିଜ୍, ନୃତ୍ୟ, ଗୀତ, ର୍‌ୟାମ୍ପସୋ୍‌ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି୍ ପ୍ରଦାନ କରିଥିଲେ। ଏହାସହ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ କୃତି ପାଇଁ ସୁମନ୍ତ ଧରୁଆ, ପ୍ରଣତୀ ଦନ୍ତା ଓ ନମୀତା ରଣାଙ୍କୁ ଚମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା।

ଆଜିର ଉଦଯାପନୀ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଉଦ୍‌ଘାଟନୀ ସଭାକୁ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ତଥା ଅଧ୍ୟାପକ ବିକାଶ ରଂଜନ ଜେନା ସଂଯୋଜନା ଓ ପରିଚାଳନା କରିଥିବାବେଳେ ଅଧ୍ୟାପକ ବୀରେନ୍ଦ୍ର ଗଡ଼ୁଆ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ।

ବାରୁଆଁ କାଜୁ ଜଙ୍ଗଲ ଗ୍ୟାଙ୍ଗ ରେପ୍ ଘଟଣା: ୨ ଜଣ ଅଭିଯୁକ୍ତ ଗିରଫ

ଭୁବନ, ୧୪/୧୨ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ବାରୁଆଁ କାଜୁ ଜଙ୍ଗଲ ରେ ଗତ ଅକ୍ଟୋବର ମାସ ୨୧ ତାରିଖ ରେ ଜନୈକା କଲେଜ ପଢୁଆ ଝିଅ କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣ ଧର୍ଷଣ କରିଥିବା ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ପ୍ରାପ୍ତ ଖବର ରୁ ପ୍ରକାଶ ଯେ,ଯାଜପୁର ଜିଲ୍ଲା କଳରଙ୍ଗି ଅତା ଅଂଚଳର ଜନୈକା ଯୁବତୀ ଭୁବନରେ ଏକ ମେସରେ ରହି ପାଠ ପଢୁଥିଲେ । ଦଶହରା ଛୁଟି କରାଇବାକୁ ତାଙ୍କ ପୁରୁଷ ବନ୍ଧୁଙ୍କ ସହିତ ବାଇକ୍‌ରେ ଅକ୍ଟୋବର ୨୧ ତାରିଖ ଦିନ ଗାଁ କୁ ଯାଉଥିବା ସମୟରେ ବାରୁଆଁ କାଜୁ ଜଙ୍ଗଲରେ ୪ ଜଣ ଯୁବକ ସେମାନଙ୍କୁ ଅଟକାଇ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରି ତାଙ୍କ ଫୋନ୍ ପେ ଜରିଆରେ ୧୦ ହଜାର ଟଙ୍କା ନେଇଥିବା ସହ ଯୁବତୀଙ୍କୁ ଗଣ ଧର୍ଷଣ କରିଥିଲେ । ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ଭୁବନ ପୋଲିସ କେଶ ନମ୍ବର୍ ୪୦୯/୨୧.୧୦.୨୦୧୩ ଦଫା - ୩୪୧,୩୨୩,୩୭୯, ୩୭୬ଏ, ୩୭୬ଡି ରେ ମାମଲା ରୁଜୁ କରି ତଦନ୍ତ କରି ବିକ୍ରମ ଜେନା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଅନ୍ୟ ୩ ଜଣ ଫେରାର ହୋଇଯାଇଥିଲେ । ଏହି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ରାଜ୍ୟ କ୍ରାଇମ୍ ବ୍ରାଂଚ ଏହି ଘଟଣାର ତଦନ୍ତ ଭାର ନେଇଥିଲା । ଗତକାଲି ଭୁବନେଶ୍ୱର କ୍ରାଇମ୍ ବ୍ରାଂଚର ୫ ଜଣିଆ ଟିମ୍ ଭୁବନ ଥାନା ଅନ୍ତର୍ଗତ ଗଡନୃସିଂହ ପ୍ରସାଦ ଅଂଚଳର ପଙ୍କଜ ସାହୁ ଙ୍କ ପୁଅ ପଦିଆ ଓରଫ ପ୍ରଦୀପ କୁମାର ସାହୁ (୩୧) ଙ୍କୁ ଅନୁଗୁଳ ଜିଲ୍ଲାର ଏକ ମଠରୁ ଏବଂ ମଙ୍ଗଳ ଦେହୁରୀ (୧୬) ଙ୍କୁ ଯାଜପୁର ଜିଲ୍ଲା ପାଣି କୋଇଲି ଅଂଚଳରୁ ଗିରଫ କରିଥିଲା। ଉଭୟଙ୍କୁ ଡାକ୍ତରୀ ମଇନା କରାଯାଇ କୋର୍ଟ ଚାଲାଣ କରାଯାଇଛି।

ସରକାରୀ ମହାବିଦ୍ୟାଳୟ ବଲାଙ୍ଗୀରରେ ପରିବେଶ ସଚେତନତା ଶୋଭାଯାତ୍ରା

ବଲାଙ୍ଗୀର, ୧୪/୧୨ (ନି.ପ୍ର): ପରିବେଶ ବଂଚିଲେ, ଆମେ ବଂଚିବା, ଆମକୁ ଦରକାର ପ୍ଲାଷ୍ଟିକ ମୁକ୍ତ ଜୀବନ, ସମସ୍ତେ ମିଶିବା, ପ୍ଲାଷ୍ଟିକ ନାଶିବା ଏଭଳି ସ୍ଲୋଗାନ ଓ ପ୍ଲାକାର୍ଡ ଧରି ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରର ଛାତ୍ରଛାତ୍ରୀ ସହର ପରିକ୍ରମା କରି ପ୍ଲାଷ୍ଟିକର ପରିବେଶ ପ୍ରଦୂଷଣ ଉପରେ ସଚେତନ କରିଥିଲେ। ଜନସାଧାରଣ ଏଥିପ୍ରତି ଗୁରୁବ ଦେବାକୁ ଧ୍ୟାନ ଆକର୍ଷଣ କରିଥିଲେ। ଓଡ଼ିଶା ସରକାରଙ୍କ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଡ. ଅମୃତ ସିଂ ବରିହା ଏହି ଶୋଭାଯାତ୍ରାର ମହତ୍ୱ ଉପରେ ନିଜର ଅଭିଭାଷଣ ରଖିଥିଲେ। ନୋଡାଲ ଅଧିକାରୀ ଡ଼. କୌତୁକ ପନ୍ଦର ଶୋଭାଯାତ୍ରାର ପରିଚାଳନା କରିଥିବା ବେଳେ ଅଧ୍ୟାପକ ହୃଷିକେଶ ଦାସ, ବିଶ୍ୱଭୂଷଣ ବିଶ୍ୱାଳ, ନୀଳକଣ୍ଠ ନାଗ, ରାମଶଙ୍କର ମେହେର, ଅମିତୋଶ ତ୍ରିପାଠୀ, ମଳୟ କ?ଅଁର, କମଳାକାନ୍ତ କରାଲି, ପୁରୁଷୋତମ କିଶାନ, ଶେଖର ରାୟ, ଭବାନୀ ଶଙ୍କର ପଟେଲ, ଅଧ୍ୟାପିକା ମଧୁସ୍ମିତା ମିଶ୍ର, ବନ୍ଦନା ବାର, ରିଚା ବିଶ୍ୱାଳ, କ୍ଷୀରୋଦିନୀ ଭୁଏ, ଅମୃତା ମହାପାତ୍ର, ଶିରିଶା ପତି, ସମୀକ୍ଷା ପ୍ରଧାନ ସହଯୋଗ କରିଥିଲେ।

ନିଶାମୁକ୍ତ ଭାରତ ଅଭିଯାନ ରାଜ୍ୟ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ନିଶାସେବନ ଓ ନିଶା କାରବାର ନେଇ ତଦାରଖ, ଶାସ୍ତିବିଧାନ, ପ୍ରତିଷେଧକ ଓ ନିଶାମୁକ୍ତି ନେଇ ବ୍ୟାପକ ଜନସଚେତନତା ଜରୁରୀ । ଓଡ଼ିଶାରେ ନିଶାଦ୍ରବ୍ୟ ସେବନର ପରିମାଣ ମାତ୍ରାଧିକ ଓ ମୁଖକର୍କଟ ରୋଗ ଘଟଣା ଦେଶରେ ସର୍ବାଧିକ ବୋଲି ନିଶାମୁକ୍ତ ଭାରତ ଅଭିଯାନର ରାଜ୍ୟ କମିଟି ବୈଠକରେ ମତ ପ୍ରକାଶ ପାଇଛି। ବୁଧବାର ପୂର୍ବାହ୍ନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରାଜ୍ୟ କମିଟି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଅଧ୍ୟକ୍ଷତା କରିଥିଲେ । କଟକ-ଭୁବନେଶ୍ୱର ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବୈଠକରେ ଯୋଗଦେଇ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ନିଶାସେବନରୁ ବିରତ ରହିବାକୁ ବ୍ୟାପକ ହସ୍ତକ୍ଷେପର ଆବଶ୍ୟକତା ରହିଛି ବୋଲି କହିଥିଲେ । ସେ ଓଡ଼ିଶାରେ ନିଶାଦ୍ରବ୍ୟ ଜବତ ମାମଲାର ବିବରଣୀ ଉପସ୍ଥାପନା କ୍ରମେ ରାଜ୍ୟରେ ନିଶାଦ୍ରବ୍ୟ ସେବନକୁ ପ୍ରତିହତ କରିବା ନିମନ୍ତେ ସରକାରୀ ଓ ବେସରକାରୀ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ବ୍ୟାପକ ସଚେତନତା ନିମନ୍ତେ ସୋସିଆଲ ମିଡିଆ ଅଭିଯାନକୁ ଜୋରଦାର କରିବାକୁ ପରାମର୍ଶ ଦେଇ ଏହି ଅଭିଯାନରେ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ଛାତ୍ର ଓ ଯୁବଗୋଷ୍ଠୀ, ଯୁବନେତୃତ୍ୱ, କ୍ରୀଡ଼ାବିତ୍ ଓ ନାଗରିକ ସମାଜର ସହଯୋଗ ଅପରିହାର୍ଯ୍ୟ ବୋଲି ଉଲ୍ଲେଖ କରିଥିଲେ।

ବୈଠକରେ ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁବିକାଶ, ଅବାକରୀ, ପୋଲିସ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ, ରାମକୃଷ୍ଣ ମିଶନର କର୍ମକର୍ତା, ଆଇନ୍‌ଜୀବୀ ଓ ସମାଜକର୍ମୀ ସମବେତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏମାନଙ୍କ ସହିତ ପ୍ରାକ୍ତନ ପ୍ରଶାସକ ଉଦ୍ଧବ କର, ଡ. ହାସାନ୍ ଇମାମ୍ ଖାନ୍, ମନସ୍ତତ୍ତ୍ୱବିତ୍ ଯଶୋବନ୍ତ ମହାପାତ୍ର, ସମାଜସେବୀ ସ୍ମୃତିଲେଖା ଦାସ, ଭୋଳାନାଥ ଜେନା, ସୁଧୀର ଦାଶ ପ୍ରମୁଖ ମଧ୍ୟ ମତାମତ ଉପସ୍ଥାପନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଚଳିତବର୍ଷ ତାହା ୩୦ଟି ଜିଲ୍ଲାକୁ ସଂପ୍ରସାରିତ ହୋଇଛି । ୧୦ଟି ଜିଲ୍ଲାରେ ସଚେତନତା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସମେତ ପ୍ରାୟ ୫ ଶହ ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି । ନିଶାମୁକ୍ତି ଅଭିଯାନରେ ପ୍ରଭାବୀ ଓ ଦକ୍ଷ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କୁହାଯାଇଛି।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଖାଦ୍ୟ ଗୁଣବତ୍ତା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): କେନ୍ଦ୍ରାପଡା ପୁରୁଣା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଖାଦ୍ୟ ଗୁଣବତା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ବିକେ ପ୍ରଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଫାର୍ମାଶିଷ୍ଟ, ଏଏନ୍‌ଏମ୍, ଜିଏନ୍‌ଏମ୍‌ର ଛାତ୍ରୀମାନଙ୍କୁ ଆମେ ଗ୍ରହଣ କରୁଥିବା ବିଭିନ୍ନ ପ୍ରକାର ଖାଦ୍ୟ ଦ୍ରବ୍ୟର ପୋଷକ ତତ୍ୱ, ଗୁଣବତା ଓ ଉପକାରିତା ସଂପର୍କରେ ତଥ୍ୟ ପୂର୍ଣ୍ଣ ଆଲୋଚନା କରିବା ସହ କେଉଁଭଳି ଖାଦ୍ୟ ଗ୍ରହଣ କଲେ ମଣିଷ ସୁସ୍ଥ ଓ ନିରୋଗ ରହି ପାରିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟପକ୍ଷରେ କେଉଁଭଳି ଖାଦ୍ୟ ଆମ ଶରୀରରେ ପ୍ରତିକ୍ରିୟା ସୃଷ୍ଟିକରି ବିଭିନ୍ନ ରୋଗର କାରଣ ହୋଇପାରୁଛି ସେଥିପ୍ରତି ସତର୍କ ଓ ସାବଧାନ ରହିବାକୁ ପରାମର୍ଶ ଦେଇଥିଲେ। ବଜାରରେ ମିଳୁଥିବା ବିଭିନ୍ନ ପ୍ରକାର କୃତିମ, ଅପମିଶ୍ରିତ ଓ କ୍ଷତିକାରକ ଖାଦ୍ୟ ବିକ୍ରୟ ହେଉଥିଲେ ତାହାର ସୂଚନା ଉପଯୁକ୍ତ ଫୋରମ ରେ ପ୍ରଦାନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି "ଇଟ୍ ରାଇଟ୍ ଇଣ୍ଡିଆ"ର ଜିଲ୍ଲା ସ୍ତରୀୟ ତାଲିମ ଶିବିରରେ ଅତିଥିମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ।

ଲକ୍ଷ୍ମୀ ବସ୍‌ରେ ଯାତ୍ରା ହେବ କ୍ୟାସଲେସ୍

ଭୁବନେଶ୍ୱର, ୧୪/୧୨ (ନି.ପ୍ର): "ଲକ୍ଷ୍ମୀ" ବସ୍‌ରେ ଯାତାୟତ ବେଳେ କ୍ୟାସଲେସ୍ ପେମେଂଟକୁ ପ୍ରୋତ୍ସାହନ ଦେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ 'ୟୁପିଆଇ କ୍ୟୁଆର କୋଡ'ର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ସୁବିଧାରେ କ୍ୟୁଆର କୋଡ ସ୍କାନ କରି ଟଙ୍କା ଦେଇପାରିବେ। ଏହି ବ୍ୟବସ୍ଥାର ଶୁଭାରମ୍ଭ କରି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ଓଏସ୍‌ଆରଟିସିର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଓଡ଼ିଶା ସରକାରଙ୍କ '୫-ଟି' ଉପକ୍ରମ ଆଧାରରେ ବିକଶିତ ଏହି କ୍ୟୁଆର କୋଡର ବ୍ୟବହାର ଯାତ୍ରୀମାନଙ୍କ ଯାତାୟତକୁ ସୁଗମ କରିବ ବୋଲି ପ୍ରକାଶ କରିଥିଲେ । ଏଥିରେ ଡିଜିଟାଲ ପେମେଂଟକୁ ଗୁରୁତ୍ୱ ଦିଆଯାଇଥିବା ସଂପର୍କରେ ଆଲୋକପାତ କରି ସେ 'ଲକ୍ଷ୍ମୀ ବସ୍ 'ରେ କ୍ୟୁଆର କୋଡର ସୁବିଧା କିପରି ଯାତ୍ରୀ ପରିବହନରେ ବୈପ୍ଳବିକ ପରିବର୍ତନ ଆଣିବ, ସେ ସଂପର୍କରେ ଆଲୋଚନା କରିଥିଲେ। ଓଏସଆରଟିସିରମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦିପ୍ତେଶ ପଟ୍ଟନାୟକ କହିଛନ୍ତି, ଏହି ବୈଷୟିକ ପ୍ରଗତିକୁ ନେଇ ଆମେ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ। 'ଲକ୍ଷ୍ମୀ କ୍ୟୁଆର କୋଡ'ର ଶୁଭାରମ୍ଭ ସାର୍ବଜନୀନ ପରିବହନ ସେବା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଉଛି। ଜନସାଧାରଣଙ୍କୁ ସହଜ ଯାତ୍ରା ଅନୁଭୂତି ପାଇଁ ଡିଜିଟାଲ୍ ସମାଧାନ ପଦ୍ଧତି ଗ୍ରହଣ ସହ ଏହା ଓଡ଼ିଶା ସରକାରଙ୍କ ୫- ଟି ରୂପାନ୍ତରଣ ଉପକ୍ରମ ସହିତ ସମ୍ପୂର୍ଣ୍ଣ ଭାବେ ଯୋଡିହୋଇଛି ବୋଲି ସେ ପ୍ରକାଶ କରିଥିଲେ । ପରିବହନ କମିଶନର ଅମିତାଭ ଠାକୁର ଏହି ଅଭିନବ ପ୍ରୟାସ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଏଚଡିଏଫସି ମଧ୍ୟରେ ଭାଗିଦାରିତା ଏହି ପେମେଣ୍ଟ ପଦ୍ଧତିକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଲକ୍ଷ୍ମୀ କ୍ୟୁଆର କୋଡ୍ ସାହାଯ୍ୟରେ ଲୋକମାନଙ୍କ ପାଇଁ ପେମେଂଟ ପ୍ରକ୍ରିୟାକୁ ସହଜ କରାଯାଇଛି ଏବଂ ଏହାଦ୍ୱାରା ଯାତାୟତ ଆହୁରି ସରଳ ହେବ। ପ୍ରକାଶ ଥାଉକି, ସହଜ ବ୍ୟବହାର ଯୋଗ୍ୟ(ୟୁଜର ଫ୍ରେଣ୍ଡଲି) 'ଲକ୍ଷ୍ମୀ' କ୍ୟୁଆର୍ କୋଡ୍ ଉପଭୋକ୍ତାମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଦକ୍ଷ ଦେୟ ବିକଳ୍ପ ହୋଇଥିବା ବେଳେ ଏବା କାରବାର ସମୟ ହ୍ରାସ କରେ ଏବଂ ଯାତ୍ରୀଙ୍କ ନିରାପତା ବୃଦ୍ଧି କରେ। କାର୍ଯ୍ୟକ୍ରମ ପରିଶେଷରେ ଓଏସ୍‌ଆରଟିସିର ସାଧାରଣ ସମ୍ପାଳକ ବିସିକେଷନ ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟର ବିକାଶରେ ଅର୍ଥ ସର୍ବଦା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ: ରାଜ୍ୟପାଳ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଯେକୌଣସି ରାଜ୍ୟ ପାଇଁ ଅର୍ଥ ଯଥେଷ୍ଟ ମହତ୍ୱ ରଖିଥାଏ। ଆର୍ଥିକ ସ୍ତରରେ ରାଜ୍ୟ ଯେତେ ସ୍ୱଚ୍ଛଳ ଓ ସଶକ୍ତ ହେବ ରାଜ୍ୟର ବିକାଶ ସେତେ ତ୍ୱରାନ୍ୱିତ ହେବ। ତେଣୁ ଅର୍ଥ (ସମ୍ବଳ) ସଂଗ୍ରହ ଓ ଏହାର ଉପଯୁକ୍ତ ବିନିଯୋଗ ଦିଗରେ ରାଜ୍ୟ ଅର୍ଥସେବା ଅଧିକାରୀମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ ଶ୍ରୀ ରଘୁବର ଦାସ କହିଛନ୍ତି ।

ବୁଧବାର ରାଜଭବନର ଅଭିଷେକ ହଲ୍ ରେ ଓଡ଼ିଶା ଅର୍ଥସେବା-୨୦୨୦ ବ୍ୟାଚ୍ ର ୪୯ ଜଣ ପ୍ରୋବେସନରଙ୍କୁ ଉଦ୍‌ବୋଧନ ଦେବା ଅବସରରେ ରାଜ୍ୟପାଳ ଯୋଜନା ପ୍ରଣୟନ ସମୟରେ ଅର୍ଥର ଯେପରି ଅଭାବ ନ ରହେ ଓ ଆବଂଟିତ ଅର୍ଥ ଯୋଜନାର ଉଦ୍ଦେଶ୍ୟ ସାଧନ ଦିଗରେ ଏହାର କାର୍ଯ୍ୟକାରିତାରେ କୌଣସି ବ୍ୟତିକ୍ରମ ନରହେ ତାହା ସୁନିଶ୍ଚିତ କରିବା ଅର୍ଥସେବା ଅଧିକାରୀଙ୍କ ପାଇଁ ପ୍ରାଥମିକତା ରହିବ ବୋଲି କହିଥିଲେ । ଦାୟିତ୍ୱ ନିର୍ବାହ ସମୟରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ଚାପ ସଂପର୍କରେ ଉଲ୍ଲେଖ କରି ରାଜ୍ୟପାଳ ସେମାନଙ୍କୁ ନିୟମ କାନୁନ୍ ଓ ବ୍ୟବସ୍ଥା ସଂପର୍କରେ ଅଭ୍ୟସ୍ତ ରହିବା ସହିତ ନିର୍ଭୀକ ଭାବେ ତଥ୍ୟ ଉପସ୍ଥାପନ କରିବାକୁ କହିଥିଲେ । ସାଧୁତା, ନିଷ୍ଠା, ଦାୟିତ୍ୱ ପ୍ରତି ସଚେତନ, ଜନସାଧାରଣଙ୍କ ପ୍ରତି ସକାରାତ୍ମକ ମନୋଭବ ଓ ନିଜ ଉପରେ ଗଭୀର ବିଶ୍ୱାସ ରଖି କାର୍ଯ୍ୟ କରିବାକୁ ସେ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟପାଳ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ରହିଥିବା ସମୟରେ ବଜେଟ୍ ପ୍ରସ୍ତୁତି ଓ ଉପସ୍ଥାପନର ଅନୁଭବ ଓ ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ଅର୍ଥର ସଠିକ୍ ଆବଂଟନକୁ ସେ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି ବୋଲି କହିଥିଲେ। ଉଭୟ ଆଭ୍ୟନ୍ତରୀଣ ଅଡ଼ିଟ୍ ଓ ସିଏଜି ଅଡ଼ିଟ୍ ନିୟମିତ ଭାବେ କରାଗଲେ ଅର୍ଥର ଅପବ୍ୟୟ ରୋକାଯାଇ ପାରିବ ଏବଂ ଖିଲାପକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ ଓ ରାଜ୍ୟର ଅର୍ଥସେବାର ଅଧିକ

ଥାଲାସେମିଆ

ଥାଲାସେମିଆ ଏକ ବଂଶଗତ ରକ୍ତଜନିତ ରୋଗ। ରକ୍ତ ଦ୍ୱାରା ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଏହି ରୋଗ ଆସେ। ଆମ ଶରୀରରେ ଲୋହିତ ରକ୍ତ କଣିକା ସାଧାରଣତଃ ଶହେ କୋଡ଼ିଏ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିପାରେ। ମାତ୍ର ରକ୍ତ କଣିକାରେ ଅସଂଗତି ଯୋଗୁ ତାହା ଶୀଘ୍ର ନଷ୍ଟ ହୋଇଯାଏ ଓ ରକ୍ତ ଶୂନ୍ୟତା ଦେଖାଯାଏ, ଏହା ଥାଲାସେମିଆ ଏହି ରୋଗ ସାଧାଣରତଃ ତିନି ପ୍ରକାର, ଥାଲାସେମିଆ ମେଜର,ଥାଲାସେମିଆ ମାଇନର ଓ ଥାଲାସେମିଆ ଇଣ୍ଟରମିଡ଼ିଆ। ଥାଲାସେମିଆ ମେଜର ସବୁଠାରୁ ଭୟଙ୍କର। ଉଭୟ ବାପା, ମାଆଙ୍କର ଥାଲାସେମିଆ ଜିନ୍ ଥିଲେ, ପିଲାଠାରେ ଏହି ରୋଗ ଦେଖାଯିବା ଆଶଙ୍କା ଅଧିକ। ଥାଲାସେମିଆ ମାଇନର ରୋଗୀ ସାଧାଣର ଲୋକଙ୍କ ପରି ସୁସ୍ଥ ଦେଖାଯାଆନ୍ତି। ଏମାନେ ଥାଲାସେମିଆ ରୋଗୀ ଜଣାପଡ଼ନ୍ତି ନାହିଁ। କେତେକ ଲୋକଙ୍କ ଠାରେ ରକ୍ତହୀନତା ଭଳି ଲକ୍ଷଣ ପ୍ରକାଶ ପାଏ। ଥାଲାସେମିଆ ଇଣ୍ଟରମିଡ଼ିଆ ରୋଗର ମାତ୍ରା ଥାଲାସେମିଆ ମେଜରଠାରୁ କମ ଓ ଥାଲାସେମିଆ ମାଇନର ଠାରୁ ଅଧିକ। ରୋଗର ପ୍ରାଥମିକ ଅବସ୍ଥାରେ ରକ୍ତହୀନତା, ଦୁର୍ବଳ, ଅସ୍ଥି, ବିକଳାଙ୍ଗ ବା ଶରୀର ବୃଦ୍ଧିରେ ବ୍ୟତିକ୍ରମ, କାମଳ, ଥଣ୍ଡା, ଜ୍ୱର, ଭୋକ ନଲାଗିବା, ସବୁବେଳେ ସଂକ୍ରାମକ ରୋଗରେ ପୀଡ଼ିତ ହେବାପରି ଲକ୍ଷଣ ଦେଖିବାକୁ ମିଳେ।

ହିମୋଗ୍ଲୋବିନ ପରୀକ୍ଷା ଦ୍ୱାରା ରୋଗ ଚିହ୍ନଟ ହୁଏ। ରୋଗର ପ୍ରକାର ଭେଦ ଅନୁସାରେ ଚିକିତ୍ସା କରାଯାଏ। ସାଧାରଣତଃ ଥାଲାସେମିଆ ମେଜର ରୋଗୀଙ୍କୁ ପ୍ରତିମାସରେ ରକ୍ତ ନେବାକୁ ପଡୁଥିବ ବେଳେ ମାଇନର ରୋଗୀଙ୍କୁ ଫଲିକ ଏସିଡ଼ ସହିତ ବିଭିନ୍ନ ପ୍ରକାର ଭିଟାମିନ ଖାଇବାକୁ ଦିଆଯାଏ। ଏହା ଏକ ଦୀର୍ଘକାଳୀନ ଚିକିତ୍ସା ପଦ୍ଧତି। ସେହିପରି, ଇଣ୍ଟରମିଡ଼ିଆ ରୋଗୀଙ୍କୁ ବର୍ଷକୁ ଦୁଇଥର ରକ୍ତ ନେବାକୁ ପଡ଼େ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଉପଯୁକ୍ତ ସମୟ ବ୍ୟବଧାନରେ ରକ୍ତଗ୍ରହଣ, ହିମୋଗ୍ଲୋବିନ ପରିମାଣକୁ ଠିକ ରଖିବା, ନିୟମିତ ଛାତି, ଯକୃତ ଆଦି ପରୀକ୍ଷା କରାଇବା ଏହି ରେଗୀଙ୍କ ପାଇଁ ନିହାତି ଆବଶ୍ୟକ।

ଘରେ ନିମ୍ବ ବୃକ୍ଷ ଲଗାଇବା ଶୁଭ

ହିନ୍ଦୁଧର୍ମରେ ବୃକ୍ଷଙ୍କୁ ଖୁବ ମହତ୍ୱ ଦିଆଯାଇଥାଏ। ତେବେ ଶାସ୍ତ୍ରରେ କେତେକ ବୃକ୍ଷ ଘର ପାଇଁ ଅଶୁଭ ହୋଇଥାଏ ଏବଂ ଆଉ କତେକ ଶୁଭଫଳ ପ୍ରଦାନ କରିଥାନ୍ତି। ବାସ୍ତୁ ଶାସ୍ତ୍ରରେ କେତେକ ବୃକ୍ଷମାନଙ୍କର ଉଲ୍ଲେଖ ରହିଛି, ଯାହା ଦୋଷ ନିବାରକ ମଧ୍ୟ ହୋଇଥାଏ। ଘରେ ନିମ୍ବ ବୃକ୍ଷକ୍ଷ ଲଗାଇବା ଶୁଭ ନା ଅଶୁଭ ! ଅନେକ ଲୋକ ମନେ କରିଥାଆନ୍ତି ଯେ ନିମ୍ବ ପିତା, ଏଣୁ ଏହାକୁ ଘରେ ଲଗାଇବା ଅଶୁଭ। କିନ୍ତୁ ପ୍ରକୃତରେ ତାହା ଠିକ ନୁହେଁ। ବରଂ ଘରେ ନିମ୍ବ ବୃକ୍ଷ ଲଗାଇବା ଖୁବ ଶୁଭ। ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ମିଳିଥାଏ ଏବଂ କଲ୍ୟାଣକାରୀ ପରିବେଶ ସୃଷ୍ଟି ହୋଇଥାଏ।

ଦାନ୍ତ ପାଇଁ ଖରାପ

- ମିଠା ଜାତଆୟ୍ର ଖାଦ୍ୟ-ପାନୀୟ, ଅମ୍ଳଯୁକପ୍ତ ଫଳ ଦାନ୍ତ ପାଇଁ ଖରାପ। ଏସବୁ ଖାଇବାକୁ ଚାହୁଁଥିଲେ, ଖାଦ୍ୟ ସହ ଖାଇପାରିବେ। ଏହାଦ୍ୱାରା ଦାନ୍ତ ସୁରକ୍ଷିତ ରହେ।

- ଖାଦ୍ୟ କିମ୍ବା କମଳା, ଅଙ୍ଗୁର ଭଳି ଅମ୍ଳଯୁକ୍ତ ଫଳଖାଇବା ପରେ ବ୍ରସ କଲେ ତୁର କ୍ଷତି ଘଟେ। ଏହା ଦ୍ୱାରା ମାଢ଼ି ଚାରିପଟେ ଥିବା କୋମଳ ଆବରଣ ନଷ୍ଟହୁଏ। ଦାନ୍ତ ମୂଳରେ ଖାଦ୍ୟ ଟୁକୁଡ଼ା କମେ। ଏଥିରୁ କ୍ଷାନ୍ତ ରହନ୍ତୁ।

- ବିସ୍କୁଟ, ପ୍ୟାକେଟ ଖାଦ୍ୟ ଖାଇବା ଦାନ୍ତ ପାଇଁ ଭଲନୁହେଁ। ଖାଇବା ପରେ ଭଲଭାବେ ମୁଖ ସଫା ରଖନ୍ତୁ। ଅମ୍ଳଯୁକ୍ତ ଫଳ ସହ ବିସ୍କପୁଟ ଖାଆନ୍ତୁ ନାହିଁ।

- ଚାହା, କଫି ସୋଡ଼ା ପାନ ଦ୍ୱାରା

ଦାନ୍ତରେ ଦାଗ ପଡ଼େ। ଚୂନ ଓ ଖଇର ଦାନ୍ତକୁ ନଷ୍ଟ କରନ୍ତି। ଏଥିପ୍ରତି ସାବଧାନତା ଜରୁରୀ। ନିୟମିତ ବ୍ୟବଧାନରେ ପାଣି ପିଇବା ଦ୍ୱାରା ଦାନ୍ତ ଦାଗ କମେ।

ଦାଗ ଛଡ଼ାଇବା ପାଇଁ ବେକିଂ ସୋଡ଼ା ବ୍ୟବହାର କରନ୍ତୁ। ଏହା ଦାନ୍ତକୁ ଧଳା କରାଏ।

୨୮ ବର୍ଷ ହେଲା ଛଳନା !

ଫଟୋରେ ଦେଖନ୍ତୁ, ମାଡ୍ରିଡ୍‌ର ସତାବନ ବର୍ଷ ବୟସ୍କା କାର୍‌ମେନ୍ ଜିମ୍‌ନେଜ୍‌ଙ୍କୁ। ଅଠେଇଶ ବର୍ଷ ତଳେ ସେ ଦୃଷ୍ଟି ଶକ୍ତି ହରାଇଥିବା, ଘୋଷଣା କରିଥିଲେ। ଚକ୍ଷୁ ବିଶେଷଜ୍ଞମାନେ ଚିକିତ୍ସା କରିବାକୁ ଚେଷ୍ଟା କରିଥିଲେ। ହେଲେ, କିଛି ଜଣାପଡ଼ି ନଥିଲା। ପ୍ରଥମରୁ ହିଁ ସେ ପରୀକ୍ଷାରେ ଅସହଯୋଗ କରିଥିଲେ। ତାଙ୍କ ଅବସ୍ଥାକୁ ନେଇ ହଠାତ୍ କେହି, କିଛି ସନ୍ଦେହ କରିନଥିଲେ। ଏବେ ଏତେବର୍ଷ ପରେ ସେ କହୁଛନ୍ତି,ତାଙ୍କର କିଛି ହୋଇ ନଥିଲା। ସେ ପୂର୍ବରୁ ଯେମିତି ଦେଖିପାରୁଥିଲେ, ଏବେ ବି ସେମିତି ଦେଖିପାରୁଛନ୍ତି। କୌଣସି ସମୟରେ ସେ ଦୃଷ୍ଟି ଶକ୍ତି ହରାଇ ନଥିଲେ। ଅର୍ଥାତ୍ ବାସ୍ତବ ଜୀବନରେ ଜୀବନ୍ତ ଅଭିନୟ ଦ୍ୱାରା ନିଜର ଅବସ୍ଥାକୁ କାର୍‌ମେନ୍ ଲୁଚାଇ ରଖିବାରେ ସଫଳ ହୋଇପାରିଥିଲେ। ତେବେ କାହିଁକି ? ତାଙ୍କ ଭାଷାରେ ମୋତେ ଲୋକଙ୍କୁ ସ୍ୱାଗତ କରିବାକୁ ବରକ୍ତ ଲାଗେ। ତେଣୁ ଅନ୍ଧୁଣୀର ଛଳନା କରୁଥିଲି। କେତେ ଅଜବ ମହିଳା ଭାବିଲେ।

ପାଗଳାମି ହେଲା ସଜା

ଆଜିକାଲି ସୁସ୍ଥ ରହିବା ପାଇଁ ଆମେମାନେ କିଛି ବି କରିବା ପାଇଁ ପ୍ରସ୍ତୁତ ହୋଇ ଯାଉଛୁ। ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ନିଜକୁ ସୁସ୍ଥ ରଖିବା ପାଇଁ ଯୋଗ କରିବା ସହ ମେଟାଲ ପ୍ଲେଟ, ଛୁଂଚି ଓ ବ୍ଲେଡ଼କୁ ଗିଳି ଦେଇଥିଲେ। ୫୨ବର୍ଷୀୟ ଶୈଳେନ୍ଦ୍ର ସିଂ ନାମକ ବ୍ୟକ୍ତି ୯ବର୍ଷ ପୂର୍ବରୁ କରିଥିବା ଏପରି ଏକ ପାଗଳାମି ତାଙ୍କୁ ହସପିଟାଲର ଦ୍ୱାର ଦେଖାଇଛି। ତିନିମାସ ପୂର୍ବରୁ ଶୈଳେନ୍ଦ୍ର ପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କର ଅସ୍ତ୍ରୋପଚାର କରାାଇଥିଲା। ଅସ୍ତ୍ରୋପଚାର କରିବା ପରେ ତାଙ୍କ ପେଟରୁ ମେଟାଲ ପ୍ଲେଲଟ, ଛୁଂଚି ଓ ବ୍ଲେଡ଼ ବାହାରିଥିଲା। ଯୋଗକୁ ଭିନ୍ନ ରୂପ ଦେବା ପାଇଁ ଏପରି କରିଥିବା କଥା କୁହନ୍ତି ଶୈଳେନ୍ଦ୍ର।

କ୍ଷୀର-ମହୁ ପାନୀୟର ଉପକାରିତା

ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ୬ ରୁ ୭ ଘଣ୍ଟା ଶୋଇବା ସହ ଦୈନନ୍ଦିନ ଖାଦ୍ୟପାନୀୟ ମଧ୍ୟ ପ୍ରଭାବ ପକାଇଥାଏ। ସେଥିପାଇଁ ପ୍ରତ୍ୟେକ ନିଜ ଖାଦ୍ୟପେୟରେ ଧ୍ୟାନ ଦେବା ଜରୁରୀ ଅଟେ। ପ୍ରତ୍ୟେକ ଦିନ ଶୋଇବାର ଘଂଟାକ ପୂର୍ବରୁ ଉଷୁମ କ୍ଷୀର ୧ ଗିଲାସରେ ୧ ଚାମଚ ମହୁ ମିଶାଇ ପିଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହି ପାନୀୟରେ ଆମିନୋ ଏସିଡ୍ ଥିବାରୁ ରାତିରେ ଏହାକୁ ପିଇଲେ ଭଲ ନିଦ ହୋଇଥାଏ। ଖିରାରେ ଭିଟାମିନ୍ ଏ ଓ ମହୁରେ ଭିଟାମିନ୍ ଇ ଥିବାରୁ ମହିଳାମାନେ ଏହାକୁ ପ୍ରତ୍ୟେହ ପିଇଲେ ବନ୍ଧ୍ୟାତ୍ୱ ରୋଗ ଆଶଙ୍କା କମ୍। କ୍ଷୀର-ମହୁ ପାନୀୟରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଯୁବତୀମାନେ ଏହି ପାନୀୟ ନିୟମିତ ପିଇଲେ ସେମାନଙ୍କ ତ୍ୱଚାରେ ବୟସର ଛାପ ପଡ଼େନାହିଁ। କ୍ୟାଲସିୟମ ଏହି ପାନୀୟରେ ପର୍ଯ୍ୟାପ୍ତ ପରିମାଣରେ ଥିବାରୁ ମାଂସପେଶୀ ଶକ୍ତ ହୋଇଥାଏ। କ୍ଷୀରରେ ପ୍ରୋଟିନ ରହିଥିବାରୁ ପ୍ରତ୍ୟହ ପିଇଲେ ଶରୀରର କାର୍ଯ୍ୟ ଧକ୍ଷମତା ଶକ୍ତି ବୃଦ୍ଧିହୁଏ ବୋଲି ବିଶେଷଜ୍ଞଙ୍କ ମତ। କ୍ଷୀର ଓ ମହୁରେ ଫାଇବର ଥିବା କାରଣରୁ ଏହାକୁ ମିଶାଇ ପିଇଲେ ହଜମ ଭଲ ହୋଇଥାଏ।

ଅମ୍ଳ ସମସ୍ୟା



ଦିନରୀ ମୁଖ୍ୟ ଖାଦ୍ୟ ମଧ୍ୟରେ ଲମ୍ବା ବ୍ୟବଧାନ, ତେଲ-ମସଲାଯୁକ୍ତ ଖାଦ୍ୟ, ପ୍ରତିଦିନ ଚାହା-କଫି ପିଇବା ଦ୍ୱାରା ଅମ୍ଳ ହୁଏ। ପ୍ରତିକାର ନକଲେ, ଏହା ଏକ ସ୍ଥାୟୀ ଓ ପୀଡ଼ାଦାୟକ ସମସ୍ୟାରେ ପରିଣତ ହୁଏ। ଖାଦ୍ୟ-ପାନୀୟ ପ୍ରତି ସଂଯମତା ରଖନ୍ତୁ, ମୁକ୍ତି ମିଳିବ। ଖାଦ୍ୟ ମଝିରେ ପାଚିଲା କଦଳୀର ଖାଆନ୍ତୁ। ଏହାର ପଟାସିୟମ ଉପାଦାନ ଅମ୍ଳ ହେବା କିମ୍ବା ଛାତି ଜଳାପୋଡ଼ା ହେବାକୁ ଦିଏନାହିଁ। କିଛି ତୁଳସୀ ପତ୍ରକୁପାଣିରେ ଫୁଟାଇ ପିଅନ୍ତୁ। କିଛି ସମୟପରେ ଆରାମ ଅନୁଭବ କରିବେ। ପଇଡ଼ା ପାଣି ମଧ୍ୟ ଅମ୍ଳ ସମସ୍ୟା ରୋକିଥାଏ। ଏହାମଧ୍ୟ ପାକସ୍ଥଳୀକୁ ସୁସ୍ଥ ରଖେ। ଥଣ୍ଡା କ୍ଷୀର ସେବନ କରନ୍ତୁ, ଅମ୍ଳପୀଡ଼ା ଉପଶମ ହେବ। କ୍ଷଧୀରରେ ଥିବା କାଲସିୟମ ଓ ଲାକ୍ଟୋସ ଗୁଣ ଅମ୍ଳ ଦୂର କରିବାକୁ ସକ୍ଷମ। ଖାଇବା ପରେ ପାନମଧୁରୀର, ଗୁଜୁରାତି ଚୋବାନ୍ତୁ। ଅମ୍ଳ ହେବ ନାହିଁ।

ସ୍ୱାସ୍ଥ୍ୟ ପାଇଁ ସୁନିଦ୍ରା-ଅଦା

ବଲିଉଡ଼ ଅଭିନେତ୍ରୀ ଶ୍ରଦ୍ଧା ଶର୍ମାଙ୍କ ସୁନ୍ଦର ସ୍ୱାସ୍ଥ୍ୟ ରହସ୍ୟ ଜାଣନ୍ତୁ। ତାଙ୍କ ମତରେ ଶରୀର ପାଇଁ ଗାଢ଼ ନିଦ୍ରା ଅତି ଜରୁରୀ। ଏହା ଦ୍ୱାରା ଶରୀରକୁ ବିଶ୍ରାମ ମିଳେ। ଫୁର୍ତ୍ତି ଓ ସତେଜ ଲାଗେ। ସାରା ଦିନ ଯେତେ କ୍ୟାମ କଲେବି ହାଲିଆ ଲାଗେନାହିଁ। ଚାପ ଦୂର ପାଇଁ ଗଭୀର ନିଦ୍ରାହିଁ ଏକମାତ୍ର ବିକଳ୍ପ। ଜଣେ ଅଭିନେତ୍ରୀ ପାଇଁ ଏସବୁ ଅବଶ୍ୟ କଷ୍ଟ। କାରଣ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଶୋଇବାରୀ ତାଳମେଳ ରହେନାହିଁ। ତଥାପି ଗଲା ଦୁଇବର୍ଷ ହେଲା ସେ ସ୍ୱାସ୍ଥ୍ୟ ପାଇଁ ସଚେତନ ଅଛନ୍ତି। ନିଦ୍ରାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ରାତିରେ ଥଣ୍ଡାପାଣିରେ ସ୍ନାନ କରି ବିଛଣାକୁ ଯାଉଛନ୍ତି। ଶୋଇବା ପୂର୍ବରୁ ମେକଅପ-ଛଡ଼ାଇ ଦୁଇ ଗିଲାସ ପାଣି ପିଅନ୍ତି ଆରାମ ଲାଗେ ଓ ସହଜରେ ନିଦ ଆସିଯାଏ।

ମୁଣ୍ଡ ବିନ୍ଧୁଥିଲେ....



- ମୁଣ୍ଡ ବିନ୍ଧା ଏକ ସାଧାରଣ ସମସ୍ୟା। ଘର କାମ ସାଙ୍ଗକୁ କାର୍ଯ୍ୟାଳୟର ଚାପ ଏହି ସମସ୍ୟାକୁ ଦ୍ୱିଗୁଣିତ କରେ। ଘର ହେଉ କି କାର୍ଯ୍ୟାଳୟ, ସମୟ ଓ ଯୋଜନା ଅନୁସାରେ କାମ କରନ୍ତୁ। ନିନଜକୁ ଚାପମୁକ୍ତ ରଖନ୍ତୁ।

- ଏକାଦିକ୍ରମେ ଅଧିକ ସମୟ କଂପ୍ୟୁଟର ସମ୍ମୁଖରେ ବସନ୍ତୁ ନାହିଁ। ପ୍ରତି ଅଧଘଣ୍ଟା ଅନ୍ତରରେ ପାଞ୍ଚ-ସାତ ମିନିଟ କଂପ୍ୟୁଟର ବ୍ୟବହାରରୁ ବିରତ ରହନ୍ତୁ। ଆରାମରେ ଆଉଜି ହେବା ଭଳି ଚେୟାରରେ ବସନ୍ତୁ। ଆଗକୁ ଝୁଙ୍କନ୍ତୁ ନାହିଁ।

- ଅମ୍ଳ କାରଣରୁ ମୁଣ୍ଡବିନ୍ଧା ହୋଇପାରେ, ସତର୍କ ରୁହନ୍ତୁ। ଚାହା, କଫି କମ, ଅଧିକ ଜଳ ପିଅନ୍ତୁ। ନିର୍ଦ୍ଦିଷ୍ଟ ସମୟରେ ମଧ୍ୟାହ୍ନ ଭୋଜନ କରନ୍ତୁ। ମଝିରେ ମଝିରେ ବିସ୍କୁଟ, ଫଳ ଖାଆନ୍ତୁ।

- ଅଧିକ ସମୟ କଂପ୍ୟୁଟର ସ୍କ୍ରିନରେ ଚାହିଁ କାମ କରିବା ଦ୍ୱାରା ମୁଣ୍ଡ ବିନ୍ଧେ। କାମ କରୁଥିବା ବେଳେ ମଝିରେ ମଝିରେ ଆଖି ବନ୍ଦ ରଖି ବସନ୍ତୁ। କଂପ୍ୟୁଟର ସ୍କିନ ସାମାନ୍ୟ ତଳ ମୁହଁ ରଖନ୍ତୁ।

- ଚେୟାରରୁ ମଝିରେ ମଝିରେ ଉଠି ସହକର୍ମୀଙ୍କ ସହ ବାର୍ତ୍ତାଳାପ କରନ୍ତୁ ହସନ୍ତୁ, ହାଲୁକା ଲାଗିବ। ମୁଣ୍ଡ ବିନ୍ଧିବ ନାହିଁ।

ଚଇତି ଘୋଡ଼ା କାହିଁକି ନଚାଯାଏ ?

ପ୍ରଭୁ ରାମଚନ୍ଦ୍ର ବସବାସ କରିବାକୁ ଯିବା ସମୟରେ ତାଙ୍କୁ ଯେଉଁ ଧୀବରମାନେ ବା ବାସ ରାଜା ଡଙ୍ଗାରେ ବସାଇ ସରଯୁ ନଦୀ ପାର କରିଥିଲେ, ରାମଚନ୍ଦ୍ର ତାଙ୍କୁ ପୁରସ୍କାର ସ୍ୱରୂପ ଘୋଡ଼ା ପ୍ରଦାନ କରିଥିଲେ। ସେହିଦିନଠାରୁ କେଉଟମାନେ ଘୋଡ଼ାର ରୂପ ନିର୍ମାଣ କରି ପୂଜା କରି ଆସୁଛନ୍ତି। କେଉଟମାନେ ବାଉଁଶ ବଣରେ ଘୋଡ଼ାର ପାଦହୀନ ଦେହି ବେକ ଆକାରର ଗୋଟିଏ ଥାଟ ତିଆରି କରି ତା' ଉପରେ ଲୁଗା ଆଦି ଘୋଡ଼ାନ୍ତି। ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି। ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣାଥାଏ। ସେହି କଣାବାଟେ ବ୍ୟକ୍ତି ଅଣ୍ଟା ପର୍ଯ୍ୟନ୍ତ ପଶି ଭୂମି ଉପରେ ଠିଆ ହୁଏ ଓ ଘୋଡ଼ା ରୂପରେ ଆଗକୁ ଓ ପଛକୁ ଡୋରି ଲଟକାଯାଏ।। ମନୁଷ୍ୟର ଅଂଟାଠାରୁ ନିମ୍ନ ଅଂଶ ଘୋଡ଼ା ଉପରେ ବସିବା ପରି ଅନୁମିତ ହୁଏ। ତାପରେ ଘୋଡ଼ା ନାଚିବାର ଅଭିନୟ ହୁଏ। କେଉଟମାନେ ଏପର୍ବ ଉପଲକ୍ଷେ ଚଢ଼େଇଆ ଓ ଚଢ଼େୟାଣୀ ବେଶ ହୋଇ ନାଚନ୍ତି।

- ଚକଲେଟର ଏଂଟିଅକ୍ସିଡାଂଟ ଉପାଦାନ କମ ବୟସରେ ତ୍ୱଚାକୁ ଶିଥିଳ ହେବାକୁ ଦିଏନାହିଁ। ତ୍ୱଚାରେ ନିୟମିତ ଚକଲେଟ ମାଲିସ କଲେ ବୟସ ରେଖା ପଡ଼ିବା, ତ୍ୱଚା ଲୋଚକାକୋଚା ହେବା ବିଳମ୍ବିତହୁଏ।

ତ୍ୱଚା ପାଇଁ ଚକଲେଟ୍

- ଉଷୁମ ପାଣିରେ ଦୁଇ କପ ତରଳ ଚକଲେଟ, ଦୁଇ ଚାମଚ ମହୁ ଓ ଅଧ କପ ତରଳ ସାବୁନ ଫେଣ୍ଟନ୍ତୁ। ଏହି ମିଶ୍ରଣକୁ ଦେହରେ ଲଗାଇ ପନ୍ଦର ମିନିଟ ପରେ ଥଣ୍ଡା ଜଳରେ ସ୍ନାନ କରନ୍ତୁ। ଏହା ଦ୍ୱାରା ତ୍ୱଚା ଅଧିକ ସମୟ ଥଣ୍ଡା ଓ ଆର୍ଦ୍ର ରହେ। ରୁକ୍ଷ ଲାଗେନାହିଁ।

- ତରଳ ଚକଲେଟ ଉଷୁମ କରି ଦେହ,ବେକ ପିଠିରେ ଲଗାନ୍ତୁ। ତ୍ୱଚା ନରମ ରହିବ।

- ଫେସ୍ ମାସକ ଭାବେ ବ୍ୟବହାର କରନ୍ତୁ। ତିରିଶ ଗ୍ରାମ ଓଜନର ଚକଲେଟ ତରଳାନ୍ତୁ। ଥଣ୍ଡା ହେବା ପରେ ଅଲିଭ ତେଲ ଫେଣ୍ଟି ମୁହଁରେ ଲଗାନ୍ତୁ। ଦଶ ମିନିଟ୍ ପରେ ଉଷୁମ ପାଣିରେ ଧୁଅନ୍ତୁ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ନୂଆ ପ୍ରବେଶ...

ଏନ୍‌ଡିଏ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରେ ପ୍ରତିଷ୍ଠା ହେବା ପରଠାରୁ ଦେଶରେ ଅନେକ କିଛି ନୂଆ ଅବଧାରଣା କାର୍ଯ୍ୟକାରୀ ହେବା ଦେଖିବାକୁ ମିଳିଛି । ତେଣୁ କହିବା ଅତିଶୟୋକ୍ତି ହେବନାହିଁ ଯେ କେବଳ ବିଜେପି ହିଁ ଏକ ଧାରା ଭଙ୍ଗକାରୀ, ଅଭିନବ କୌଶଳକୁ ଉପଯୋଗ କରୁଥିବା ଷ୍ଟାର୍ଟ-ଅପ୍ ସୁପର-ୟୁନିକର୍ଣ୍ଣ ଦଳ ଭଳି କାମ କରିପାରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୁଗରେ ଏକମାତ୍ର ଅଲୋଡ଼ା ଜିନିଷ ହେଉଛି ସ୍ଥିତାବସ୍ଥା । ଆଉ ସେଥିପାଇଁ କୌଣସି ଜଣେ ହେଲେ ଗଣମାଧ୍ୟମ ବିଶେଷଜ୍ଞ, ଦଳୀୟ କାର୍ଯ୍ୟାବଳୀ ଉପରେ ତୀକ୍ଷ୍ଣ ନଜର ରଖିଥିବା ବ୍ୟକ୍ତିବିଶେଷ, ରାଜନୀତିକ ବିଶ୍ଳେଷକ ବା ବିଶେଷଜ୍ଞ ଆଜି ପର୍ଯ୍ୟନ୍ତ ଅନୁମାନ କରିପାରି ନଥିଲେ ସଦ୍ୟ ସମାପ୍ତ ପାଞ୍ଚଗୋଟି ରାଜ୍ୟ ମଧ୍ୟରୁ ତିନୋଟିରେ ବିଜୟ ଲାଭ କରିଥିବା ବିଜେପିର କେଉଁମାନେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ସେହି ପରି ଏହି ସବୁ ରାଜ୍ୟମାନଙ୍କର ନିର୍ବାଚନୀ ଫଳାଫଳର କି ପରି ପ୍ରଭାବ ପଡ଼ିବାକୁ ଯାଉଛି ଆଗାମୀ ଲୋକସଭା ନିର୍ବାଚନ ଉପରେ, ସେ ସମ୍ପର୍କରେ ମଧ୍ୟ ବିଶେଷ କିଛି କେହି ଚିନ୍ତା କରି ନାହାନ୍ତି କି ଲେଖୁ ନାହାନ୍ତି ଏଯାଏଁ । କିନ୍ତୁ ଉତ୍ତର, କେନ୍ଦ୍ରୀୟ ଏବଂ ପଶ୍ଚିମ ଭାରତରେ ଲୋକମାନଙ୍କ ମାନସିକତାର ଦିଗ ଏବଂ ମନୋବସ୍ଥା ସ୍ପଷ୍ଟ ହୋଇ ସାରିଛି ବୋଲି କୁହାଯାଇପାରେ, ଆଉ ତାହା ହେଉଛି- ବିଜେପିର ପ୍ରାଧାନ୍ୟ ବିସ୍ତାର ଏବଂ ଲୋକମାନଙ୍କ ଭିତରେ ଶ୍ରୀଯୁକ୍ତ ମୋଦୀଙ୍କ ସମ୍ପର୍କିତ ଆଳାପ ଆଲୋଚନା। ବିଧାନସଭା ନିର୍ବାଚନଗୁଡ଼ିକ ମଧ୍ୟରୁ ବିଜୟ ଲାଭ କରିଥିବା ତିନିଗୋଟିଯାକ ରାଜ୍ୟରେ ବିଜେପି ନିକଟରେ ରାଷ୍ଟ୍ରୀୟ ସ୍ତରରେ ଖ୍ୟାତ ତିନି ଜଣ ବଡ଼ ନେତା ଥିଲେ- ଶିବରାଜ ସିଂହ ଚୌହ୍ୱାନ, ଯିଏକି ମଧ୍ୟପ୍ରଦେଶରେ ମୁଖ୍ୟମନ୍ତ୍ରୀ ହେବା ନିମନ୍ତେ ସବୁଠୁ ବଡ଼ ଦାବିଦାର ଏବଂ ଦୁଇ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ- ଛତିଶଗଡ଼ରେ ଡକ୍ଟର ରମଣ ସିଂହ ଏବଂ ରାଜସ୍ଥାନରେ ବସୁନ୍ଧରା ରାଜେ ସିନ୍ଧିଆ । ଏ ତିନୋଟିଯାକ ରାଜ୍ୟରେ ସ୍ୱଚ୍ଛନ୍ଦରେ ବିଜୟ ହାସଲ କରିବା ପରେ ବିଜେପି କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇ, ଏମିତିକି ଅବିଶ୍ୱସନୀୟ ଭାବରେ ତିନି ଜଣ ଯୁବ ନେତାଙ୍କୁ ସରକାରର ନେତୃତ୍ୱ ନେବାକୁ ବାଛି ସେମାନଙ୍କ ହାତରେ ଶାସନର ଡୋର ସମର୍ପିବାକୁ ଯାଉଛି । ମୁଖ୍ୟତଃ ଆଦିବାସୀ ବହୁଳ ରାଜ୍ୟ ଛତିଶଗଡ଼ରେ ଦଳ ଏହାର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବରେ ବିଷ୍ଣୁଦେଓ ସାଏଙ୍କୁ ବାଛିଛି, ଯିଏକି ରାଜ୍ୟରେ ସଂଖ୍ୟା ଦୃଷ୍ଟିରୁ ଶକ୍ତିଶାଳୀ ସାହୁ (ତେଲି) ସମ୍ପ୍ରଦାୟର । ଅଧିକାଂଶ ରାଜନୀତି ବିଶାରଦ ଏହି ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିବା ସମ୍ପର୍କରେ ଭବିଷ୍ୟବାଣୀ କରିଥିବା ବେଳେ ୯୦ ଆସନ ମଧ୍ୟରୁ ୫୪ଟିରେ ବିଜେପି ବିଜୟ ଲାଭ କରି ଭୂପେଶ ବାଘେଲଙ୍କ ନେତୃତ୍ୱାଧୀନ ଦଳକୁ ମାତ୍ର ୩୫ଟି ଆସନରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ କରିଥିଲା । ମଧ୍ୟପ୍ରଦେଶରେ ବିଜେପି ସାମ୍ନାରେ ମୁଖ୍ୟମନ୍ତ୍ରୀ ଚୟନ କରିବା ଏକ କଠିନ, ବରଂ ଦୁରୂହ କାର୍ଯ୍ୟ ଥଲା କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ 'ମାମାଜୀ' ଶିବରାଜ ସିଂହ ଚୌହ୍ୱାନ କେବଳ ଜଣେ ଅସାଧାରଣ ଭାବରେ ଲୋକପ୍ରିୟ ନେତା ନୁହନ୍ତି, ବରଂ ଏହି ପଦ ପାଇଁ ଜଣେ ଦୃଢ଼ ଦାବିଦାର ଥିଲେ । ତା' ସତ୍ତ୍ୱେ ଗେରୁଆ ଦଳ ଆଉ କିଛି ପାଦ ଆଗକୁ ଯାଇ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବରେ ମୋହନ ଯାଦବଙ୍କୁ ବାଛିଲା। ଜଣେ ଓବିସି ହୋଇଥବା ୫୮ ବର୍ଷୀୟ ଶ୍ରୀଯୁକ୍ତ ଯାଦବ ଉଜ୍ଜୟିନୀରୁ ତିନି ଥର ଏସ୍‌ଏଲ୍ ଭାବରେ ନିର୍ବାଚିତ ହୋଇଛନ୍ତି ଏବଂ ଚୌହ୍ୱାନ ସରକାରରେ ଜଣେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କୁ ଶାସନ କାର୍ଯ୍ୟରେ ସହାୟତା କରିବେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଳା ଏବଂ ଜଗଦୀଶ ଦେବତା, ଯେତେବେଳେ କି ଅନ୍ୟତମ ମୁଖ୍ୟମନ୍ତ୍ରୀ ପଦ ଦାବିଦାର, ପୂର୍ବତନ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ପରବର୍ତ୍ତୀ ବାଚସ୍ପତି ଭାବରେ ବଛା ଯାଇଥିଲା। ମଧ୍ୟପ୍ରଦେଶରେ ମଧ୍ୟ କଡ଼ା ମୁକାବିଲା ସତ୍ତ୍ୱେ କଂଗ୍ରେସ କ୍ଷମତାକୁ ଆସିବ ବୋଲି ପୂର୍ବାନୁମାନ କରାଯାଇଥିଲା, କିନ୍ତୁ ୨୩୦ ଆସନରୁ ୧୬୩ରେ ବିଜୟ ଲାଭ କରି ବିଜେପି ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲା । ଛତିଶଗଡ଼ ଏବଂ ମଧ୍ୟପ୍ରଦେଶରେ ମୁଖ୍ୟମନ୍ତ୍ରୀ ଭାବରେ ଜନଜାତି ଏବଂ ଓବିସି ନେତାଙ୍କୁ ବଛାଯିବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଉଥିଲା ବେଳେ ରାଜସ୍ଥାନରେ ଦଳ ଭଜନଲାଲ ଶର୍ମାଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବରେ ଚୟନ କରିଥିଲା। ତାଙ୍କୁ ସହାୟତା କରିବେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ- ବିଦ୍ୟାଧର ନଗର ଏସ୍‌ଏଲ୍ ଦିୟା କୁମାରୀ ଏବଂ ଡୁଡୁ ଏସ୍‌ଏଲ୍ ପ୍ରେମଚନ୍ଦ ବୈର। ଦଳ ବାସୁଦେବ ଦେବନାନୀଙ୍କୁ ବାଚସ୍ପତି ଭାବରେ ବାଛିଛି, ଯିଏକି ଆଜମେର ଉତ୍ତର ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରୁଛନ୍ତି । ଏହା କରି ବିଜେପି କେବଳ ବସୁନ୍ଧରା ରାଜେଙ୍କ ରାଜତ୍ୱର ପରିସମାପ୍ତି କରିନାହିଁ, ବରଂ ତାଙ୍କ ସହିତ କଂଗ୍ରେର ଅଶୋକ ଗେହଲଟ୍‌ଙ୍କ ଏକ ଶତାବ୍ଦୀର ଏକ- ଚତୁର୍ଥାଂଶ ଅଦଳ ବଦଳ ଶାସନରେ ପୂର୍ଣଚ୍ଛେଦ ଆଙ୍କିଛି । ଶ୍ରୀଯୁକ୍ତ ଶର୍ମା କେବଳ ଜଣେ ବ୍ରାହ୍ମଣ ନୁହନ୍ତି, ବରଂ ସେ ହେଉଛନ୍ତି ପ୍ରଥମ ଥର ପାଇଁ ଏସ୍‌ଏଲ୍ ହୋଇଥିବା ଜଣେ ବ୍ୟକ୍ତି। ସେ ଜୟପୁରର ସାଙ୍ଗନେର ଆସନରେ କଂଗ୍ରେସର ପୁଷେନ୍ଦ୍ର ଭରଦ୍ୱାଜଙ୍କୁ ୪୮ ହଜାରରୁ ଅଧିକ ସଂଖ୍ୟକ ଭୋଟ୍‌ରେ ପରାଜିତ କରି ବିଜୟୀ ହୋଇଛନ୍ତି । ତେଣୁ ଏହି ରାଜ୍ୟରେ ଜଣେ ରାଜପୁତଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ନେଇ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଉପରୋକ୍ତ ତିନିଜଣଯାକ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଆଗାମୀ ଲୋକସଭା ନିର୍ବାଚନରେ ବିଜେପିର ପରବର୍ତ୍ତୀ ପିଢ଼ିର ପ୍ରତିନିଧି କରିବେ । ଆଉ ଉପରୋକ୍ତ କାର୍ଯ୍ୟମାନ କରି ଶ୍ରୀଯୁକ୍ତ ମୋଦୀ ପୁଣିଥରେ ପ୍ରମାଣିତ କରି ଦେଇଛନ୍ତି ଯେ ସେ କାମ କରୁଛନ୍ତି ; ଆପଣମାନେ ଅନୁମାନ କରୁଥାନ୍ତୁ।

ନେହେରୁଙ୍କୁ ସମାଲୋଚନା କରିବା ସହଜ କିନ୍ତୁ ନେହେରୁ ହେବା କଷ୍ଟ



ଗୋପାଳ ମହାପାତ୍ର

କାଶ୍ମୀର ବିବାଦ ପ୍ରସଙ୍ଗରେ ପଣ୍ଡିତ ନେହେରୁଙ୍କ ଭୂମିକାକୁ ନେଇ ହ୍ୱାଟସ୍ ଆପ୍ ୟୁନିଭରସିଟି ଏବେ ମୁଖର ହୋଇପଡିଛି । ସମୟ ଥିଲା ଯେତେବେଳେ ବହି ବା ପୁସ୍ତକ ଥିଲା ଜ୍ଞାନ ଅଥବା ଜାଣିବାର ମାଧ୍ୟମ କିନ୍ତୁ ଏବେ ସୂଚନା କ୍ରାନ୍ତିର ସମୟରେ ମିଥ୍ୟା ଓ ଅପବାଦ ମଧ୍ୟରୁ ଶତ କ'ଣ ଖୋଜିବାକୁ ପଡୁଛି । ଅପବାଦ ହେଉଛି ନେହେରୁ କାଶ୍ମୀରର ଭାରତରେ ମିଶ୍ରଣ ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ କରିଦେଇଥିଲେ, କାଶ୍ମୀର ପ୍ରସଙ୍ଗକୁ ଜାତିସଂଘରେ ବିନା କାରଣରେ ଉପସ୍ଥାପନ କରିଥିଲେ ଏବଂ ନିଜେ ନେହେରୁ କାଶ୍ମୀର ନିବାସୀ ହୋଇଥିବା କାରଣରୁ ୩୭୦ ଧାରା ଭଳି ପକ୍ଷପାତି ପ୍ରସ୍ତାବକୁ ସ୍ୱୀକାର କରିଥିଲେ । ତଥ୍ୟକୁ ଅଣଦେଖା କରି ନେହେରୁଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ନିଚା ଦେଖାଇବାର ଉଦ୍ୟମ କରାଯାଉଛି ବୋଲି ଅନେକଙ୍କ ମତ । ନେହେରୁ ବିରୋଧୀ ମାନସିକତାରେ ଗ୍ରସ୍ତ କିଛି ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଏଭଳି ଅପବାଦ ପ୍ରଚାର କରୁଛନ୍ତି ନେହେରୁଙ୍କୁ ନିଚା ଦେଖାଇବା ପାଇଁ ବଲ୍ଲଭ ଭାଇ ପଟେଲଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏଭଳି ବ୍ୟକ୍ତି ଓ ଅନୁଷ୍ଠାନ । ସବୁଠୁ ବଡ କଥା ହେଉଛି ନେହେରୁଙ୍କୁ ଘୃଣା କରୁଥିବା ବ୍ୟକ୍ତି/ଅନୁଷ୍ଠାନ ସତ କ'ଣ ସେକଥା ଦେଖିବାକୁ ବା ବୁଝିବାକୁ ନାରାଜ । ମିଥ୍ୟା ଓ ଅପବାଦର ଅନ୍ୟତମ ସାଥି ହେଉଛି ଘୃଣା । ସୂଚନା କ୍ରାନ୍ତିର ଯୁଗରେ ଏଭଳି ଅପବାଦ ଓ ମିଥ୍ୟା କଥାକୁ ଅନେକ ମଧ୍ୟ ବିଶ୍ୱାସ କରିଯାଉଛନ୍ତି ।

କାଶ୍ମୀରର ଭାରତରେ ମିଶ୍ରଣ ସମୟର ବିପରୀତ ପରିସ୍ଥିତିରେ ମିଶ୍ରଣର ଶ୍ରେୟ କାଶ୍ମୀରର ଜନତା, ଶେଖ ଅବଦୁଲ୍ଲାଙ୍କ ନେତୃତ୍ୱ କାରଣରୁ କାଶ୍ମୀରର ମୁସଲିମମାନଙ୍କ ସହଯୋଗ, ଗାନ୍ଧୀ, ନେହେରୁ ଓ ସର୍ଦ୍ଦାର ପଟେଲଙ୍କ ଭଳି ଦୂରଦର୍ଶୀ ନେତା, ଭି.ପି ମେନନ ତଥା ମେହେର ଚାନ୍ଦ ମହାଜନଙ୍କ ଭଳି ବ୍ୟକ୍ତି ପାଇବାକୁ ହକ୍ ଦାର । ଏପରିକି ଭାରତୀୟ ସେନାର ସାହାସ ଓ ବଳିଦାନ ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଥିଲା । କାଶ୍ମୀର ପୂର୍ବରୁ ଏକ ସମୃଦ୍ଧ ରାଜ୍ୟ ଥିଲା ଓ ଏବେ ବି ସମୃଦ୍ଧ । କାଶ୍ମୀରରେ ରହୁଥିବା ସୁଫି(ମୁସଲିମ) ସଂପ୍ରଦାୟର ଲୋକେ ସ୍ୱାଧୀନତା ସମୟରେ ମଧ୍ୟ ପ୍ରାକୃତିକ ସମ୍ପଦରେ ଭରପୁର ଏବଂ ମାନବ ବିକାଶ ସୂଚକାଙ୍କରେ ଆଗରେ ଥିଲେ । ଭାରତ-ପାକିସ୍ଥାନ ବିଭାଜନର ଆଧାର ଥିଲା ହିନ୍ଦୁ-ମୁସଲିମ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ । ବିଭାଜନ ହିନ୍ଦୁ-ମୁସଲିମଙ୍କର ନଥିଲା । ଏହି ଆଧାରରେ ସୀମା ବର୍ତ୍ତୀ ପୂର୍ବ ପଞ୍ଜାବ ଏବଂ ପଶ୍ଚିମ ବଙ୍ଗଳା ଭାରତରେ ସାମିଲ ହୋଇଥିବା ବେଳେ ପଶ୍ଚିମ ପଞ୍ଜାବ ଏବଂ ପୂର୍ବ ବଙ୍ଗଳା ପାକିସ୍ତାନରେ ସାମିଲ ହୋଇଥିଲା । କାଶ୍ମୀର ମୁସଲମାନ ବହୁଳ ଅଞ୍ଚଳ ହୋଇଥିବାରୁ ପାକିସ୍ଥାନ କାଶ୍ମୀରକୁ ନେବାକୁ ଚାହୁଁଥିଲା । କାଶ୍ମୀରର ମହାରାଜା ହରି ସିଂହ ହିନ୍ଦୁ ଥିଲେ କିନ୍ତୁ କାଶ୍ମୀରକୁ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ରଖିବା ପାଇଁ ଚାହୁଁଥିଲେ । ମହାରାଜା ହରି ସିଂହଙ୍କ ମନ୍ତ୍ରୀ ରାମଚନ୍ଦ୍ର କାକ କିନ୍ତୁ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ସମର୍ଥନ କରୁଥିଲେ।

ଜୁନାଗଡ ଏବଂ ହାଇଦ୍ରାବାଦର ନିଜାମ (ରାଜା)ମାନେ ପାକିସ୍ଥାନ ସହ ମିଶିବାକୁ ଚାହୁଁଥିଲେ ମଧ୍ୟ ଜୁନାଗଡ ଏବଂ ହାଇଦ୍ରାବାଦ ହିନ୍ଦୁ ବହୁଳ ଅଞ୍ଚଳ ହୋଇଥିବାରୁ ଭାରତରେ ଏ ଦୁଇ ରାଜ୍ୟର ମିଶ୍ରଣ ହୋଇପାରିଥିଲା । ସର୍ଦ୍ଦାର ପଟେଲ ହିନ୍ଦୁ ବହୁଳ ଜୁନାଗଡ ଓ ହାଇଦ୍ରାବାଦକୁ ଭାରତରେ ମିଶାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଗାନ୍ଧୀ ଏବଂ ନେହେରୁ କାଶ୍ମୀର ଘାଟିର ଭୌଗଳିକ, ସାମରିକ ତଥା ରଣନୀତିକ ଗୁରୁତ୍ୱକୁ ବୁଝିଥିଲେ ଏପରିକି ଆନ୍ତର୍ଜାତିକ ରାଜନୀତିକୁ ମଧ୍ୟ ବୁଝିଥିଲେ । ପ୍ରସଙ୍ଗ ନେହେରୁ କାଶ୍ମୀରର ନିବାସୀ ହେବାର ଆସକ୍ତି ନୁହେଁ ବରଂ ରୁଷ, ଚୀନ ଏବଂ ଆଫଗାନିସ୍ତାନର ସୀମା କାଶ୍ମୀର ସୀମାକୁ ଲାଗିରହିବା ପ୍ରସଙ୍ଗ । ବିଦେଶୀ ଶକ୍ତି କାଶ୍ମୀରରେ ନିଜ ସ୍ଥିତି ଜାହିର୍ କରିବା, ବିଭାଜନ କରିବା ଓ କାଶ୍ମୀର ଘାଟିକୁ ଅଶାନ୍ତ କରିବାର ଉଦ୍ୟମ କରୁଥିଲେ । ମୁସଲିମ ଲିଗ ଏବଂ ହିନ୍ଦୁ ମହାସଭା ଏସବୁ କଥାକୁ ବୁଝିପାରିନଥିଲେ ଏବଂ ବିଭାଜନକୁ ଗୁରୁତ୍ୱ ଦେଇଥିଲେ। ସର୍ଦ୍ଦାର ପଟେଲ ମଧ୍ୟ କାଶ୍ମୀର ପ୍ରସଙ୍ଗରେ ଗାନ୍ଧୀ ନେହେରୁଙ୍କ ସହ ସହମତ ହୋଇଥିଲେ । ଜାମ୍ମୁ ଏବଂ ଲାଦାଖ ପାଇଁ କୌଣସି ସମସ୍ୟା ନଥିଲା। କାଶ୍ମୀରକୁ ଭାରତରେ ମିଶାଇବା ପାଇଁ କାଶ୍ମୀର ମହାରାଜାଙ୍କ ସହମତି ଜରୁରୀ ଥିଲା ହେଲେ ତାଠାରୁ ଅଧିକ ଜରୁରୀ ଥିଲା ବହୁ ସଂଖ୍ୟକ ମୁସଲିମ ଜନସଂଖ୍ୟାକୁ ନିଜ ଆଡକୁ ଆଣିବା । କାଶ୍ମୀର ମହାରାଜା ରାମଚନ୍ଦ୍ର କାକଙ୍କୁ ବିତାଡିତ କରି ମେହେର ଚାନ୍ଦ ମହାଜନଙ୍କୁ ମନ୍ତ୍ରୀ କରିବା ମଧ୍ୟ ମିଶ୍ରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା ।

ଭାରତ ସ୍ୱାଧୀନ ହେବା ପରେ ୧୯୪୭ ଅକ୍ଟୋବର ମାସରେ କାଶ୍ମୀର ଉପରେ ଆକ୍ରମଣ ହୋଇଥିଲା ଓ ମହାରାଜା ହରି ସିଂହ କାଶ୍ମୀରକୁ ଭାରତରେ ମିଶାଇବା ପାଇଁ ରାଜି ହୋଇଥିଲେ ଏବଂ ଭାରତ ସହ କାଶ୍ମୀରର ମିଶ୍ରଣ ହୋଇଥିଲା । ଅକ୍ଟୋବର ୨୫ ବେଳକୁ ପାକ୍ ସମର୍ଥିତ ଆକ୍ରାମଣକାରୀ ମାନେ ଶ୍ରୀନଗରରେ ପହଞ୍ଚିଯାଇଥିଲେ । ମହାରାଜା ହରି ସିଂହ ସଡକ ପଥରେ ଶ୍ରୀନଗରରୁ ଖଜଣା ଦସ୍ତାବିଜ ଓ ସମସ୍ତ ଜରୁରୀ କାଗଜପତ୍ର ଧରି ୨୬ ଅକ୍ଟୋବରରେ ଜାମ୍ମୁରେ ପହଞ୍ଚିଥିଲେ । ଜାମ୍ମୁଠାରେ ମହାରାଜା ଭାରତ ସରକାରଙ୍କ ପ୍ରତିନିଧି ଭି.ପି ମେନନଙ୍କ ସହ ଆଲୋଚନା କରି ସଶର୍ତ୍ତ ମିଶ୍ରଣ ପାଇଁ ସ୍ୱାକ୍ଷର କରିଥିଲେ । ସେତେବେଳର ପରିସ୍ଥିତି ଓ ସମୟର ଅଭାବ ମଧ୍ୟରେ ଯାହା ଭଲ ବୋଲି ଚିନ୍ତା କରାଗଲା ତାହା କରାଯାଇଥିଲା । କେବଳ ଯେ ପରିସ୍ଥିତି ମହାରାଜାଙ୍କ ପାଇଁ ଥିଲା ତା ନୁହେଁ ଭାରତ ପାଇଁ ପରିସ୍ଥିତି ମଧ୍ୟ ସଂପୂର୍ଣ୍ଣ ଅନୁକୂଳ ନଥିଲା । ସେତେବେଳେ ବିଭାଜନ କାରଣରୁ ବଙ୍ଗଳା ଠାରୁ ପଞ୍ଜାବ ପର୍ଯ୍ୟନ୍ତ ଲୋକଙ୍କ ମନରେ ଆକ୍ରୋଶ ଏପରିକି ହିଂସାକାଣ୍ଡ ଭଳି ଘଟଣା ମଧ୍ୟ ଘଟୁଥିଲା । ସେତେବେଳେ ଭାରତର ସାଧନ , ସେନା ଏବଂ ଅସ୍ତ୍ରଶସ୍ତ୍ର ମଧ୍ୟ ସୀମିତ ଥିଲା । ଏଭଳି ସମୟରେ ଭାରତୀୟ ନେତୃତ୍ୱଙ୍କ ଦୂରଦର୍ଶିତା ଏବଂ ସମୟ ଉପଯୋଗୀ ପଦକ୍ଷେପ କାରଣରୁ ଅକ୍ଟୋବର ୨୭ ତାରିଖରେ ଭାରତୀୟ ସେନା ଆକାଶ ମାର୍ଗରେ ଶ୍ରୀନଗରରେ ପହଞ୍ଚିଥିଲେ ଓ ଶ୍ରୀନଗରରୁ ଉରି ପର୍ଯ୍ୟନ୍ତ ୧୦୦ କିଲୋମିଟର କାଶ୍ମୀର ଘାଟିକୁ ଆକ୍ରମଣକାରୀଙ୍କ କବଳରୁ ମୁକ୍ତ କରିଥିଲେ। ସେତେବେଳେ ଭାରତୀୟ ସେନା ଉରି ଠାରୁ ମୁଜାଫରବାଦ ଯାଇ ତାକୁ ସ୍ୱାଧୀନ କରିପାରିଥାନ୍ତେ କିନ୍ତୁ ପୁଞ୍ଚ-ରାଜୌରୀ ହରାଇବାର ଡର ଏବଂ ସେ ଅଞ୍ଚଳରେ ହିନ୍ଦୁମାନଙ୍କୁ ହତ୍ୟାଭଳି ଘଟଣା ସର୍ବୋପରି ସୀମିତ ସେନା ଓ ସମୟ, ଆର୍ଥିକ ସଙ୍କଟ, ହିଂସା, ଦଙ୍ଗା ଭଳି ଘଟଣା ଯୋଗୁଁ ସେନା ମୁଜାଫରବାଦକୁ ସ୍ୱାଧୀନ କରିପାରିନଥିଲା । ନୂଆନୂଆ ସ୍ୱାଧୀନ ହୋଇଥିବା ଦେଶ (ଭାରତ) ପାଇଁ ଏତେ ସମସ୍ୟା ସମ୍ଭାଳିବା ମଧ୍ୟ ସହଜ ନଥିଲା ।

ବିଭାଜନ ସମୟରେ କାଶ୍ମୀର ଘାଟିରେ ସାମ୍ପ୍ରଦାୟିକ ଦଙ୍ଗା ଘଟି ନଥିଲା । ଦେଶର ଅନ୍ୟ ଅଞ୍ଚଳରେ ଦଙ୍ଗା ଘଟିଥିଲା ଯାହା ହିନ୍ଦୁ ମୁସଲିମଙ୍କ ମଧ୍ୟରେ ଏକ ସମ୍ପ୍ରଦାୟିକ ରେଖା ଟାଣି ଦେଇଥିଲା । ସେତେବେଳର ପରିସ୍ଥିତିକୁ ଦୃଷ୍ଟିରେ ରଖି ୩୭୦ ଧାରା (କାଶ୍ମୀର ବାସୀଙ୍କୁ ସ୍ୱତନ୍ତ୍ର ମାନ୍ୟତା) ଲାଗୁ କରାଯାଇଥିଲା । ମହାରାଜା ହରି ସିଂହ ଓ ସେଖ ଅବଦୁଲଲାଙ୍କ ମଧ୍ୟରେ ଅସହମତି ଥିଲା ଓ ସମସ୍ତେ ନିଜ ନିଜର ବିକଳ୍ପ ରାସ୍ତା କଥା ଚିନ୍ତା କରୁଥିଲେ । ୩୭୦ ଧାରାରେ କାଶ୍ମୀର ବାସୀଙ୍କୁ ଯେଉଁ ଅଧିକାର ମିଳୁଥିଲା ସେହି ପ୍ରକାରର ଅଧିକାର ସାମାଜିକ ଓ ସଂସ୍କୃତିକ ସରକ୍ଷଣ ପାଇଁ ଅନେକ ପାର୍ବତ୍ୟାଞ୍ଚଳ ଓ ଉତ୍ତର-ପୂର୍ବ ରାଜ୍ୟର ନାଗରିକ ଏବଂ ଆଦିବାସୀ ବହୁଳ ଅଞ୍ଚଳର ଲୋକଙ୍କୁ ଏବେ ବି ମିଳୁଛି। କିନ୍ତୁ ଏ ସବୁ ଅଞ୍ଚଳରେ ହିନ୍ଦୁ-ମୁସଲିମ ବିଭାଜନର ରାଜନୀତି ଚାଲୁନଥିବାରୁ ଏ ସବୁ ଅଞ୍ଚଳ ବିବାଦୀୟ ହେଉନାହିଁ। କାଶ୍ମୀରରୁ ଆକ୍ରମଣକାରୀଙ୍କୁ ଘଉଡାଇ ଦିଆଯିବା ପରେ ଆନ୍ତର୍ଜାତୀୟ ସ୍ତରରେ ପାକିସ୍ଥାନକୁ ହରାଇବା ଓ କାଶ୍ମୀରର ଯେଉଁ ସବୁ ଅଞ୍ଚଳ ପାକିସ୍ଥାନ ଅକ୍ତିଆରରେ ରହିଗଲା ତା ଉପରେ ଭାରତର ଦାବୀକୁ ମଜଭୁତ କରିବା ପାଇଁ ନେହେରୁ ସେତେବେଳେ କାଶ୍ମୀର ପ୍ରସଙ୍ଗକୁ ଜାତି ସଙ୍ଘକୁ ନେଇଥିଲେ। ୧୯୪୯ ପର୍ଯ୍ୟନ୍ତ କାଶ୍ମୀରରେ ଭାରତୀୟ ସେନା ଆକ୍ରମଣକାରୀଙ୍କୁ ହଟାଇବା ପାଇଁ କାର୍ଯ୍ୟ କରିଥିଲା । ୧୯୪୮ରେ କାଶ୍ମୀର ପ୍ରସଙ୍ଗକୁ ଭାରତ ଜାତି ସଙ୍ଘରେ ଉପସ୍ଥାପନ କରିଥିଲା । ନେହେରୁ ତତ୍କାଳୀନ ଶୋଭିଏତ ସଂଘର ରାଷ୍ଟ୍ରପତି ନିକିତି କ୍ରୁଶ୍ଚେଫଙ୍କୁ କାଶ୍ମୀର ଆଣି ଥିଲେ ଓ କ୍ରୁଶ୍ଚେଫ ଭାରତ ସପକ୍ଷରେ ବୟାନ ଦେଇଥିଲେ।

ନେହେରୁଙ୍କ ପାଇଁ ଦେଶ ଥିଲା ସର୍ବୋପରି । ଦେଶ ସ୍ୱାଧୀନ ହେବା ପୂର୍ବରୁ କାଶ୍ମୀରର ଲୋକ ତାନ୍ତ୍ରିକ ଆନ୍ଦୋଳନ କାରଣରୁ ଜେଲରେ ବନ୍ଦୀ ଥିବା ଶେଖ ଅବଦୁଲ୍ଲାଙ୍କର ନେହେରୁ ଥିଲେ ଓକିଲ ଓ ତାଙ୍କୁ ଜେଲରୁ ମୁକୁଳାଇଥିଲେ । କିନ୍ତୁ ଦେଶ ସ୍ୱାଧୀନ ହେବା ପରେ ଶେଖ ଅବଦୁଲ୍ଲା ଯେତେବେଳେ ଭାରତ ବିରୋଧୀ କାର୍ଯ୍ୟ କଲେ ସେତେବେଳେ ନେହେରୁ ତାଙ୍କୁ ୧୦ବର୍ଷ ଜେଲରେ ଭର୍ତ୍ତି କରିଦେଇଥିଲେ । ଏଣୁ ନେହେରୁଙ୍କୁ ଅଯଥାରେ କାଶ୍ମୀର ପାଇଁ ଦୋଷ ଦେବା ଉଚିତ ନୁହେଁ । ନେହେରୁଙ୍କ ବିରୁଦ୍ଧରେ ମିଥ୍ୟା ପ୍ରଚାର ବା ଅପବାଦ କ'ଣ ସତ୍ୟକୁ ଲୁଚାଇ ପାରିବ ? ନେହେର

ଏହି କାରଣ ପାଇଁ ଫିଲ୍ମରେ ଶାରୀରିକ ନିର୍ଯାତନାର ଦୃଶ୍ୟ କରନ୍ତି ନାହିଁ କାଜୋଲ

୯୦ଦଶକରେ ବଲିଉଡରେ ରାଜ୍ କରୁଥିବା ଲୋକପ୍ରିୟ ଅଭିନେତ୍ରୀ କାଜୋଲ ଏବେ ମଧ୍ୟ ଅଭିନୟ ଜଗତରେ ସକ୍ରିୟ ଅଛନ୍ତି। ନିକଟରେ ଅଭିନେତ୍ରୀ ଚଳଚ୍ଚିତ୍ରରେ ନିର୍ଯାତନା ଦୃଶ୍ୟକୁ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ଏହି ଦୃଶ୍ୟ ତାଙ୍କୁ ବିଚଳିତ କରେ ବୋଲି ଅଭିନେତ୍ରୀ କହିଛନ୍ତି। 'ନେଟଫ୍ଲିକ୍ସ ଇଣ୍ଡିଆ ଆକ୍ଟର୍ସ ରାଉଣ୍ଡ ଟେବୁଲ୍ ୨୦୨୩' ସମୟରେ ଏକ ବାର୍ତ୍ତାଳାପରେ କାଜୋଲ ତାଙ୍କ ବୃତ୍ତିଗତ ଜୀବନ ବିଷୟରେ ବଡ଼ ଖୁଲାସା କରିଥିଲେ। ଏହି ସମୟରେ, ଚଳଚ୍ଚିତ୍ରରେ ଶାରୀରିକ ନିର୍ଯାତନାର ଦୃଶ୍ୟ ନକରିବା ବିଷୟରେ ଜଣାଇ କାଜୋଲ କହିଥିଲେ, "ମୁଁ ସର୍ବଦା ବିଶ୍ୱାସ କରି ଆସିଛି ଯେ ମୁଁ ଏପରି ଦୃଶ୍ୟ କରିବି ନାହିଁ ଯେଉଁଥିରେ ମୋତେ ନିର୍ଯାତନା ଦିଆଯାଉଛି କିମ୍ବା କେଜଣସି ପ୍ରକାରେ ମୋତେ ଏପରି ସ୍ଥାନରେ ଦେଖାଯାଉଛି ଯେଉଁଠାରେ ମୁଁ ରହିବାକୁ ଚାହୁଁ ନାହିଁ। କାରଣ ମୁଁ ଜଣେ କଳାକାର ଭାବରେ ଭାବୁଛି ଯେ, ଯେତେବେଳେ ଆମେ କେଜଣସି ଦୃଶ୍ୟ କରୁ, ସେତେବେଳେ ଆମେ ଏହାକୁ ଅନୁଭବ କରୁ। ଅନୁଭବ ନକଲେ ଏହା କ୍ୟାମେରାରେ ଜୀବନ୍ତ ଲାଗିବ ନାହିଁ। ତେଣୁ ମୁଁ ଶାରୀରିକ ନିର୍ଯାତନାର ଦୃଶ୍ୟ କରେ ନାହିଁ। ଏଭଳି ଦୃଶ୍ୟକୁ ଅନୁଭବ କରିବାକୁ ମୋତେ ଡର ଲାଗେ। ଶାରୀରିକ ନିର୍ଯାତନାର ଦୃଶ୍ୟ ନକରି ବି ମୁଁ ଜଣେ ଭଲ କଳାକାର ବୋଲି ମୁଁ ପ୍ରମାଣ କରିପାରିବି।"

ଆନିମଲ୍ ପରେ ଶ୍ରୀରାମ ଭୂମିକାରେ ନଜର ଆସିବେ ରଣବୀର: ସୀତା ସାଜିବେ ସାଇ ପଲ୍ଲବୀ

୨୦୨୩ ମସିହାର ତୃତୀୟ ସର୍ବାଧିକ ଆୟ କରିଥିବା ସିନେମା ତାଲିକାରେ ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ଆନିମଲ୍' ସାମିଲ ହୋଇଛି। ଏହି ସିନେମାରେ ରଣବୀରଙ୍କ ଅଭିନୟ ଦେଖି କିଛିଲୋକ ଟ୍ରୋଲ କରୁଥିବା ବେଳେ ଅନେକ ଦର୍ଶକ ଅଭିନେତାଙ୍କ ଅଭିନୟକୁ ଭୁରିଭୁରି ପ୍ରଶଂସା କରିଛନ୍ତି। ଏହି ସିନେମା ପରେପରେ ରଣବୀର ତାଙ୍କ ନୂଆ ପ୍ରୋଜେକ୍ଟରେ ବ୍ୟସ୍ତ ହୋଇଯାଇଛନ୍ତି। 'ଆନିମଲ' ପରେ ଅଭିନେତାଙ୍କୁ ରାମାୟଣରେ ଶ୍ରୀରାମଙ୍କ ଭୂମିକାରେ ତାଙ୍କୁ ଅଭିନୟ କରିବାର ଦେଖିବାକୁ ମିଳିବ। ଏହି ସିନେମାର ସୁଟିଂ ଖୁବଶୀଘ୍ର ଆରମ୍ଭ ହେବ ବୋଲି କୁହାଯାଉଛି। ସେହିପରି ଦକ୍ଷିଣ ଅଭିନେତ୍ରୀ ସାଇ ପଲ୍ଲଭୀ ଏଥିରେ ମାତା ସୀତା ଭୂମିକାରେ ନଜର ଆସିବେ। ପୂର୍ବରୁ ଆଲିଆ ଭଟ୍ଟ ମାତା ସୀତା ଭୂମିକାରେ ଅଭିନୟ କରିବେ ବୋଲି ଚର୍ଚ୍ଚା ଥିଲା, କିନ୍ତୁ ତାରିଖ ସିଡ୍ୟୁଲ ହେତୁ ଆଲିଆ ଫିଲ୍ମରୁ ବାହାର ହୋଇଯାଇଥିଲେ। ବର୍ତ୍ତମାନ ନିର୍ମାତା ରାମ, ସୀତାଙ୍କ ଭୂମିକା ପାଇଁ ରଣବୀର-ସାଇ ପଲ୍ଲଭୀଙ୍କୁ କାଷ୍ଟ କରିଛନ୍ତି। ରିପୋର୍ଟ ଅନୁଯାୟୀ ଦକ୍ଷିଣ ସୁପରଷ୍ଟାର ୟଶଙ୍କୁ ଏହି ଚଳଚ୍ଚିତ୍ରରେ ରାବଣ ଭୂମିକାରେ ଦେଖିବାକୁ ମିଳିବ। ରଣବୀର କପୁର ଏବଂ ସାଇ ପାଲ୍ଲଭି ୨୦୨୪ ଆରମ୍ଭରେ 'ରାମାୟଣ' ପ୍ରଥମ ଭାଗ ପାଇଁ ସୁଟିଂ ଆରମ୍ଭ କରିବେ ବୋଲି ଯୋଜନା ଅଛି।

ବିଗବସରେ କମେଡିଆନ ମୁନାୱର ବଖାଣିଲେ ଦୁଃଖ ଓ ସଂଘର୍ଷର କାହାଣୀ...

ଷ୍ଟାଣ୍ଡଅପ କମେଡିଆନ ମୁନାୱର ଫାରୁକି ବିଗବସ ହାଉସରେ ଚର୍ଚ୍ଚାରେ ରହିଛନ୍ତି। ମୁନାୱର ବିଗବସ ସଦସ୍ୟଙ୍କୁ ଜୀବନ କ'ଣ କେମିତି ବଞ୍ଚିବାକୁ ହୁଏ ସେ ବିଷୟରେ ବୁଝାଇ କହୁଥିବା ଶୁଣିବାକୁ ମିଳିଛି। ତେବେ ଖୁବଅଳ୍ପ ବୟସରେ କମେଡିଆନ ମୁନାୱର ଅନେକ କଷ୍ଟ କରିବା ସହିତ ସଂଘର୍ଷର ସାମ୍ନା କରିଛନ୍ତି।

ମୁନାୱର ଛୋଟ ବେଳୁ ମା'କୁ ହରାଇ ଦେଇଛନ୍ତି। ଅନେକ ଦିନ ସେ ନଖାଇ ନପିଇ ରହି ଯାଇଛନ୍ତି। ଆଜି ମୁନାୱର ସଫଳତାର ଶୀର୍ଷରେ ପହଞ୍ଚି କୋଟିକୋଟି ଟଙ୍କା ରୋଜଗାର କରୁଥିବା ଜଣାପଡ଼ିଛି। ବିଗବସରେ ସବୁଠାରୁ ଅଧିକ ପାରିଶ୍ରମ ପାଉଥିବା ସଦସ୍ୟଙ୍କ ମଧ୍ୟରୁ ମୁନାୱର ହେଉଛନ୍ତି ଜଣେ।

ଗତ ଅଧ୍ୟାୟରେ ମୁନାୱର କହିଛନ୍ତି, 'ମୁଁ ୬୦ଟଙ୍କା ପାଇଁ ବାସନ ମାଜିବା କାମ କରିଛି। କାରଣ ଆମେ ଗରିବ ଥିଲୁ। ବହୁତ କଷ୍ଟରେ ଚଳୁଥିଲୁ। ମୋତେ ୧୪ବର୍ଷ ହୋଇଥିବା ବେଳେ ମା' ଜୀବନ ହାରି ଦେଇଥିଲେ। ମା'ଙ୍କ ବୈବାହିକ ଜୀବନ ଭଲ ନଥିଲା। ସବୁବେଳେ ସେ ଚିନ୍ତାରେ ରହୁଥିଲେ। ଏସବୁ ଭିତରେ ଦିନେ ସେ ଏସିଡ୍ ପିଇ ଜୀବନ ହାରି ଦେଇଥିଲେ। ମା'ଙ୍କ ଉପରେ ୩୫୦୦ଟଙ୍କାର ଋଣ ଥିଲା। ଏହି ଋଣ ଶୁଝିବା ପାଇଁ ବି ଆମ ପାଖରେ ସାମର୍ଥ୍ୟ ନଥିଲା।

ଅନେକ କଷ୍ଟ କରିବା ପରେ ସୋବିଜ ଇଣ୍ଡଷ୍ଟ୍ରିରେ ପାଦ ରଖିଥିଲି। ଏହି ମଞ୍ଚ ମୋତେ ସଫଳତା ଦେଇଥିଲା। ଇତିମଧ୍ୟରେ ମୁଁ ଅନେକ ସଫଳତା ପାଇସାରିଛି। କିନ୍ତୁ ବିତି ଯାଇଥିବା ସେ କଷ୍ଟର ଦିନକୁ କେବେ ଭୁଲି ପାରୁନାହିଁ।'

ଭବିଷ୍ୟତ ସଂପର୍କରେ ମଲାଇକାଙ୍କ ବିନା କଥା ହେବାକୁ ମନା କରିଦେଲେ ଅର୍ଜୁନ

ସିନେ ନିର୍ମାତା କରଣ ଜୋହରଙ୍କ ଲୋକପ୍ରିୟ ଟକ୍ ସୋ' 'କଫି ଉଇଥ୍ କରଣ'ରେ ନିକଟରେ ଯୋଗ ଦେଇଥିଲେ ଅଭିନେତା ଅର୍ଜୁନ କପୁର ଏବଂ ଆଦିତ୍ୟ ରୟ କପୁର। ଏହି ସୋ'ରେ କରଣ ଅର୍ଜୁନଙ୍କ ତାଙ୍କ ପ୍ରେମିକା ମଲାଇକାଙ୍କ ପ୍ରସଂଗରେ ପ୍ରଶ୍ନ କରିଥିଲେ। ପ୍ରଶ୍ନଟି ସେମାନଙ୍କ ଭବିଷ୍ୟତକୁ ନେଇ ଥିଲା। ସେମାନେ ଦୁହେଁ ଆଗକୁ ଆଉ କେଉଁ ପଦକ୍ଷେପ ନେବେ ବୋଲି ପ୍ରଶ୍ନ କରିଥିଲେ କରଣ। ଯାହାର ଉତ୍ତରରେ ଏକଦମ ସୁନ୍ଦର ଜବାବ ଦେଇଥିଲେ ଅର୍ଜୁନ କପୁର। ଦୁଇ ଜଣଙ୍କ ଜୀବନର ନିଷ୍ପତ୍ତି ସେ ଏକାକୀ କେମିତି ନେଇପାରିବେ ବୋଲି ଉତ୍ତରରେ କହିଥିଲେ ଅର୍ଜୁନ। ସେ ମଲାଇକାଙ୍କ ସହ ଖୁସି ଅଛନ୍ତି ଓ ଯେଉଁ ସଂପର୍କରେ ଅଛନ୍ତି ତାହା ନିଶ୍ଚିତ ଭାବେ ଏକ ସୁନ୍ଦର ସଂପର୍କ ବୋଲି କହିଛନ୍ତି। ମଲାଇକାଙ୍କୁ ତାଙ୍କ ଜୀବନର ଏକ ଅଂଶ ବୋଲି କହିଥିବା ଅର୍ଜୁନ କୌଣସି ବି ନିଷ୍ପତ୍ତି ତାଙ୍କ ଅନୁପସ୍ଥିତରେ ନେବେ ନାହିଁ ବୋଲି ସ୍ପଷ୍ଟ କରି ଦେଇଛନ୍ତି। ସେହିପରି ସୋ'ରେ ଆଦିତ୍ୟଙ୍କୁ ଅତିଥି ରୂପେ ପାଇବାର ସୁଯୋଗ ନେଇ କରଣ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ସହ ତାଙ୍କର ଡେଟିଂ ପ୍ରସଂଗରେ ପ୍ରଶ୍ନ କରିଥିଲେ, ଯାହାର ଏକଦମ୍ ମଜାକିଆ ଢଙ୍ଗରେ ଉତ୍ତର ଦେଇଛନ୍ତି ଆଦିତ୍ୟ। କରଣ ଆଦିତ୍ୟଙ୍କୁ ଅନନ୍ୟା ପାଣ୍ଡେଙ୍କୁ ଡେଟ କରିବାର ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ଆଦିତ୍ୟ କହିଛନ୍ତି, ''ମୋତେ କୌଣସି ରହସ୍ୟ ପଚାରନ୍ତୁ ନାହିଁ, ମୁଁ ମିଥ୍ୟା ବ୍ୟତୀତ ଅନ୍ୟ କିଛି କହିବି ନାହିଁ।''

ନିଜ ପ୍ରଥମ ପାରିଶ୍ରମିକରେ ଏହି କାମ କରିଥିଲେ ଅନନ୍ୟା ପାଣ୍ଡେ

ଅନନ୍ୟା ପାଣ୍ଡେ ଆଜିକାଲି ତାଙ୍କ ଆଗାମୀ ଫିଲ୍ମ 'ଖୋ ଗଏ ହମ କହାଁ' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ଚଳଚ୍ଚିତ୍ର ଖୁବ୍ ଶୀଘ୍ର ନେଟଫ୍ଲିକ୍ସରେ ମୁକ୍ତିଲାଭ କରିବ, ଯେଉଁଥିରେ ସିଦ୍ଧାନ୍ତ ଚତୁର୍ବେଦୀ ଏବଂ ଆଦର୍ଶ ଗୌରଭ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ୨୬ ଡିସେମ୍ବରରେ ମୁକ୍ତିଲାଭ କରିବାକୁ ଯାଉଛି। ରବିବାର ଏକ ଇଭେଣ୍ଟରେ ଫିଲ୍ମର ଟ୍ରେଲର ମୁକ୍ତିଲାଭ କରିଥିଲା। ଏହି ସମୟରେ ଅନନ୍ୟାଙ୍କୁ ପଚରାଯାଇଥିଲା ଯେ ସେ ତାଙ୍କର ପ୍ରଥମ ରୋଗାର ଟଙ୍କାରେ କ'ଣ କରିଥିଲେ। ଏପରି ପ୍ରଶ୍ନର ଉତ୍ତର ପୂର୍ବରୁ ବି ବହୁ ସେଲିବ୍ରିଟି ଦେଇଛନ୍ତି। କିନ୍ତୁ ଅନନ୍ୟାଙ୍କ ଉତ୍ତର ଥିଲା ଆଶ୍ଚର୍ଯ୍ୟଜନକ। ଏଥିରେ ଅଭିନେତ୍ରୀ ଦେଇଥିବା ଉତ୍ତର ଆଶ୍ଚର୍ଯ୍ୟଜନକ ଥିଲା। କାରଣ ସେ ସେହି ଟଙ୍କାରେ ନିଜ ପାଇଁ ପୋଷାକ କିମ୍ବା ମେକ୍ଅପ୍ କିଣିନଥିଲେ ବରଂ ସେ ତାଙ୍କ ଭଉଣୀ ରିସାଙ୍କ ଟ୍ୟୁସନ ଫି ଦେଇଥିଲେ। ଜୁମ୍ ର ଏକ ୟୁଟ୍ୟୁବ୍ ଭିଡିଓ ସେଗମେଣ୍ଟରେ ଅନନ୍ୟା କହିଛନ୍ତି, 'ମୁଁ ମୋର ପ୍ରଥମ ପେ ଚେକରୁ ମୋ ଭଉଣୀର ଟ୍ୟୁସନ ଫି ଦେଇଥିଲି। ମୁଁ ତା' ପାଠପଢ଼ା ଓ କ୍ୟାରିୟରରେ ନିଜର ସହଯୋଗ ଦେବାକୁ ଚାହୁଁଥିଲି।' ଯେତେବେଳେ ସିଦ୍ଧାନ୍ତ ଚତୁର୍ବେଦୀଙ୍କୁ ସମାନ ପ୍ରଶ୍ନ ପଚରାଗଲା ତ ସେ କହିଥିଲେ, 'ମୁଁ ମୋର ଭାଇଙ୍କ ପାଇଁ ପିଏସ୍ ୫ କିଣିଥିଲି, ଯିଏ ବର୍ତ୍ତମାନ ୧୯ ବର୍ଷ ବୟସରେ ଅଛନ୍ତି। ଯେତେବେଳେ ମୁଁ ଏହାକୁ କିଣିଲି, ମୁଁ ଭାବିଲି ଆମେ ଏକାଠି ଖେଳିବୁ କିନ୍ତୁ ଏହା ଆମ ମଧ୍ୟରେ ମତଭେଦ ସୃଷ୍ଟି କଲା।'

ଜରିନ ଖାନଙ୍କୁ ମିଳିଲା ଅନ୍ତରୀଣ ଜାମିନ: ବିନା ଅନୁମତିରେ ବିଦେଶ ଗସ୍ତ ଉପରେ ରୋକ

ପଶ୍ଚିମବଙ୍ଗର ରାଜଧାନୀ କୋଲକାତାର ଏକ କୋର୍ଟ ସୋମବାର ନରକେଲଡଙ୍ଗା ପୁଲିସ ଷ୍ଟେସନରେ ପଞ୍ଜୀକୃତ ହୋଇଥିବା ଏକ ଠକେଇ ମାମଲାରେ ବଲିଉଡ ଅଭିନେତ୍ରୀ ଜରିନ ଖାନଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ବିନା ଅନୁମତିରେ ବିଦେଶ ଯାତ୍ରା ନକରିବାକୁ କୋର୍ଟ ଜରିନ ଖାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ପ୍ରତ୍ୟେକ ଶୁଣାଣିରେ କୋର୍ଟରେ ହାଜର ହେବାକୁ କୁହାଯାଇଛି। ଜରିନ ଖାନଙ୍କ ଓକିଲଙ୍କ ଯୁକ୍ତି ଶୁଣିବା ପରେ ସିଆଲଦା କୋର୍ଟ ୩୦୦୦୦ ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଜରିନଙ୍କୁ ଡିସେମ୍ବର ୨୬ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି ଏବଂ କୋଲକାତା ପୁଲିସର ଅନୁମତି ବିନା ବିଦେଶ ନ ଯିବାକୁ କୁହାଯାଇଛି । ଶୁଣାଣି ପାଇଁ ମୁମ୍ବାଇରୁ ଆସିଥିବା ଜରିନ ଖାନଙ୍କୁ ମଧ୍ୟ ପ୍ରତ୍ୟେକ ଶୁଣାଣିରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଥାଉ କି ଏକ ଠକେଇ ମାମଲାରେ କିଛି ଦିନ ତଳେ କୋଲକାତାର ଏକ କୋର୍ଟ ବଲିଉଡ ଅଭିନେତ୍ରୀ ଜରିନ ଖାନଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ତାଙ୍କ ବିରୋଧରେ ୨୦୧୮ରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ହୋଇଥିଲା ଯେ ସେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ କହି ଅଗ୍ରିମ ନେଇଥିଲେ କିନ୍ତୁ ଯୋଗ ଦେଇନଥିଲେ । ଆୟୋଜକମାନେ ଅଭିନେତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ । ଆୟୋଜକଙ୍କ କହିବାନୁସାରେ, ଜରିନ୍ ତାଙ୍କୁ ଅଣ୍ଡରୱାର୍ଲ୍ଡରେ ସମ୍ପର୍କ ଥିବା ନେଇ ମଧ୍ୟ ଧମକ ଦେଇଥିଲେ। ଉଲ୍ଲେଖ ଥାଉ କି ଯେ ଜରିନ୍ ଖାନ୍ ୨୦୧୦ ମସିହାରେ 'ବୀର' ଫିଲ୍ମ ମାଧ୍ୟମରେ ବଲିଉଡରେ ପାଦ ଥାପିଥିଲେ ।

ସଫଳ ନାଟକ ବଇନା ଦେଇଛି ବାହା ହବାକୁ

ଓଡିଶାର ଯାତ୍ରା ଜଗତରେ ଯେତେ ସଫଳ ନାଟକ ଅଛି ତାହା ମଧ୍ୟରୁ ବଇନା ଦେଇଛି ବାହା ହବାକୁ ଅନ୍ୟତମ । ଏହି ନାଟକ ସେତବେଳେ ଅତୀତ ରେ ତାରିଣୀ ଗଣନାଟ୍ୟ ମଞ୍ଚସ୍ଥ କରିଥିଲେ । ପ୍ରଖ୍ୟାତ ନାଟ୍ୟକାର ଅନନ୍ତ ଓଝା ଏହାକୁ ରଚନା କରିଥିଲେ ଓ ନିର୍ଦ୍ଦେଶନା ଦେଇଥିଲେ ଲିଟିଲ ମାଷ୍ଟର ବିନୋଦ ରାଉତ । ଏହି ନାଟକରେ ଅଭିନୟ କରିଥିଲେ ବରିଷ୍ଠ ଅଭିନେତା ଦୈତାରୀ ପଣ୍ଡା, ବାସୁ ମହାନ୍ତି, ଗୌରାଙ୍ଗ ସେନାପତି, ରାଜୁ କୁଅଁର, ଲତା ମଣ୍ଡଳ, ବିନୋଦ ନାଥ, ଗଦାଧର ବାରିକ, ଅନନ୍ତ ବାରିକ, ରତ୍ନାକର ନନ୍ଦୀ, ଜୟନ୍ତ ପଣ୍ଡା, ବିବେକ ମହାପାତ୍ର ପ୍ରଭୃତି । ଖୁବ ସୁନ୍ଦର କାହାଣୀ, ସଂଳାପ, ଗୀତ ଓ ସଂଗୀତ ନାଟକକୁ ସଫଳତା ଆଣି ଦେଇଥିଲା । ଓଡିଶାର ପ୍ରତି ଜିଲ୍ଲା ଓ ପ୍ରତି ବ୍ଲକରେ ଏହି ନାଟକ ଚହଳ ପକାଇ ଦେଲା । ଚର୍ଚ୍ଚିତ ଅଭିନେତା ଦୈତାରୀ ପଣ୍ଡାଙ୍କ ସଂଳାପ ଥିଲା,,,,, କହ ଚାଚା କହ କହ ଚାଚା କହ ତୁ ମୋତେ କୋଉଠୁ ଉଠାଇ ଅଣିଥିଲୁ କେଉଁ ମେଡିକାଲ ପଛ ପଟରୁ ନା କେଉଁ ଝୁମ୍ପୁଡି ପଛ ପଟରୁ । ସବୁବେଳେ କହିଲୁ ଚାଚା ଚାଚା ବୋଲି ଡାକ । ହେଲେ ମୋର ବାପା କିଏ ମାଆ କିଏ । ପିଲାଟା ମୋର ବାପଟା ନାଁ ପଚାରିଦେଲା । ଯୀଶୁ କହିଲା ଭଲା, ଆଲ୍ଲା କହିଲା ଭଲା, ଭଗବାନ କହିଲା ଭଲା । ଲେକିନ ବବୁଆ କହିଲା ବୁରା,,,,, ବୁରା,,,,, ବୁରା । ଏ ଓକିଲ ବାବୁ, ମୋତେ ତୁ ଜେଲ ଭିତରେ ୧୨ ବରଷ ଖିଚିଡି ଖଇଦେଲୁ। ଆଚ୍ଛା ଆଜି ତୁ ତୋର ବାତ କହିବୁ ମୁଁ ମୋର ବାତ କହିବି । ତୁ ତ ଭଦ୍ର ଲୋକ, ଏସବୁ କାହିଁକି ହେଲା ମୋତେ ବୁଝା । ପାଞ୍ଚ ପାଞ୍ଚ ଟା ପିଲାଙ୍କୁ ମୁଁ ଇଂଲିଶ ମିଡିୟମ ସ୍କୁଲ ରେ ପାଠ ପଢାଇଲି । ପଇସା ଅଭାବରୁ ଛ ଛ ଟା ଝିଅ ଦେହ ବିକିଲେ। ସେଇଥି ପାଇଁ ମୁଁ ଏ କଲୋନୀର ନାମ ଦେଇଛି ବାଷ୍ଟର୍ଡ୍ କଲୋନୀ ।

ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ,
ବାସୁଦେବପୁର, ଭଦ୍ରକ,
ମୋ:୯୯୩୭୯୭୬୩୫୧

୫୬ ତମ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା: ଫାଇନାଲରେ ସଦାଇପାଲି ସାଇଟ ଦଳ

ବଲାଙ୍ଗିର, ୧୪/୧୨ (ନି.ପ୍ର): ସଦାଇପାଲି ପଲ୍ଲିଶ୍ରୀ ଷ୍ଟଡିୟମଠାରେ ୫୬ତମ ସର୍ବଭାରତୀୟ ଇଂଜିନିୟରସ୍ କପ୍ ଓ ନର୍ସିଂ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଗତକାଲି ସାଇଟ ସଦାଇପାଲି ଏବଂ ସମ୍ବଲପୁର ଏଫ୍.ସି ମଧ୍ୟରେ ପ୍ରଥମ ସେମି-ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଖେଳର ପ୍ରଥମାର୍ଦ୍ଧର ୧୨ ମିନିଟରେ ସାଇଟର ୧୬ ନଂ. ଜର୍ସି ଅଖିଲେଶ ଟପ୍ପୋ ଏକ ସୁନ୍ଦର ଗୋଲ ସ୍କୋର କରିଥିଲେ । ସମ୍ବଲପୁର ଦଳର ଘନଘନ ଆକ୍ରମଣ ସତ୍ତ୍ୱେ ସଦାଇପାଲି ସାଇଟ ଦଳ ତାକୁ ପ୍ରତିରୋଧ କରି ୧-୦ ଗୋଲରେ ବିଜୟୀ ହେବା ସଙ୍ଗେ ସଙ୍ଗେ ଫାଇନାଲକୁ ଉନ୍ନିତ ହୋଇଛନ୍ତି । ଖେଳଟି ସଂଘର୍ଷପୂର୍ଣ୍ଣ ଥିଲା ଏବଂ ହଜାର ହଜାର ଦର୍ଶକଙ୍କ ମନମୁଗ୍ଧ କରିଥିଲା । ଏହି ଅବସରରେ ଆୟୋଜକ କମିଟିର ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଏ.ଆଇ.ସି.ସି. ସଭ୍ୟ ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଥିବା ବେଳେ ସମ୍ମାନିତ ଅତିଥି ରୂପେ ବୁଲୁ ଦାନୀ, ମନିଷ ମିଶ୍ର ଓ ବରିଷ୍ଠ ପି.ଇ.ଟି ଅନ୍ତର୍ଯ୍ୟାମୀ ବିଶ୍ୱାଳ ମଂଚାସୀନ ଥିଲେ । ଆସନ୍ତାକାଲି ଭିଲେଇ ବି.କେ.ପି ୟୁଥ ଏଫ୍.ସି ସହ କୁଚିଣ୍ଡା ବି.ଏଫ୍.ସି ସହିତ ଖେଳ ହେବ ବୋଲି ଜଣାଯାଇଛି । ଖେଳ ସୁବ୍ରତ କୁମାର ପୁରୋହିତ, ଦେବାଶିଶ ବାଗ, ସଂଜିବ ମହାରଣା ଓ ସୁଧାଂଶୁ ସେଠ ରେଫରୀ ଭାବରେ ପରିଚାଳନା କରିଥିଲେ । ସୁନୀଲ ଚନ୍ଦ୍ର ବିଶ୍ୱାଳ ମ୍ୟାଚ କମିଶନରର ଦାୟିତ୍ୱ ବହନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଫୁଟବଲ ସଂଘ ତଥା ବଲାଙ୍ଗିର କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ରମେଶ ଚନ୍ଦ୍ର ନାଏକ, ବିରଂଚି ସାଏ, ପ୍ରଦୀପ ମହାରଣା, ଆଦିତ୍ୟ ପଟ୍ଟନାୟକ, ହେମନ୍ତ ବେହେରା, ଶରତ ନନ୍ଦ, ପ୍ରଫୁଲ୍ଲ ମିଶ୍ର, ସୁଦାମ ଥାଟି ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।

୩୦ ପଂଚାୟତର ପ୍ରତିଭା ଚୟନ ଆରମ୍ଭ ମହୋତ୍ସବରେ କମ୍ପିବ ମୁକ୍ତାକାଶ ରଙ୍ଗମଂଚ

ପୁରୀ, ୧୪/୧୨ (ନି.ପ୍ର): ସହରରେ ବିଭିନ୍ନ ପ୍ରତିଯୋଗିତା ଓ ସମ୍ମାନ ସମାରୋହ ଅନୁଷ୍ଠିତ ହେଉଥିଲେ ମଧ୍ୟ ଗ୍ରାମାଂଚଳ ପ୍ରତିଭା ସୁଯୋଗ ନଥିବାରୁ ସେମାନେ ଅବହେଳିତ ହୋଇ ରହି ଯାଉଥିଲେ । ଗ୍ରାମାଂଚଳରେ ରହିଥିବା ଲୁକାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଆରମ୍ଭ ପରିବାର ଓ ଡ଼ିଡ଼ି ଡ଼ ୍ୟାନ୍ସ ଷ୍ଟୁଡ଼ିଓ ଏକ ନୂଆ ଧାରା ଆରମ୍ଭ କରିଛନ୍ତି । ୩୦ଟି ଗ୍ରାମ ପଂଚାୟତରେ ଆରମ୍ଭ ପକ୍ଷରୁ ନୃତ୍ୟ,ଗୀତ, ଝୋଟି,ଚିତା ଓ ହୁଳହୁଳି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯିବ । ୨୦୨୪ ମସିହା ଜାନୁଆରୀ ୨୭ରୁ ୨୯ ତିନିଦିନ ବ୍ୟାପୀ ମୁକ୍ତାକାଶ ରଙ୍ଗମଂଚରେ ଆରମ୍ଭ ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ କୃତୀ ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରାଯିବ । ୨୮ରେ ଓଲିଉଡ଼ ଓ ୨୯ରେ ବଲିଉଡ଼ ନାଇଟ ଅନୁଷ୍ଠିତ ହେବ । ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି । ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ଝୋଟି , ଚିତା ଓ ହୁଳହୁଳି ପ୍ରତିଯୋଗିତା କରାଯାଇଛି । ଏହି ପ୍ରତିଯୋଗିତାରେ ସୁବର୍ଣ୍ଣ ଅଳଙ୍କାର ସହଯୋଗ କରୁଛି । ସର୍ବୋଚ୍ଚ ଓ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଜଣେ ପ୍ରତିଯୋଗୀଙ୍କୁ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ସମ୍ମାନିତରେ ସମ୍ମାନିତ କରାଯିବ । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଏହାକୁ ପ୍ରଚାର କରିବା ପାଇଁ ଆଜି ୟୁଥ ହଷ୍ଟେଲ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ସଭାପତି ତଥା ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗୋପାଳଚନ୍ଦ୍ର ଖୁଂଟିଆ, ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା ସଦରବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର. ଉପସଭାପତି ତଥା ଅଭିନେତା ସମୀର ଶତପଥୀ, ନାଟ୍ୟ ନିର୍ଦ୍ଦେଶକ ଭରତ ନାୟକ ଓ ବିକ୍ରମ ସାହୁ, ଯୁବ ସମାଜସେବୀ ତଥା ଅନୁଷ୍ଠାନର ଉପଦେଷ୍ଟା ଅବିନାଶ ମିଶ୍ର ଓ ଅମିୟ ମହାପାତ୍ର,ସାଧାରଣ ସମ୍ପାଦକ ଦେବାଶିଷ ସିଂ ପ୍ରମୁଖ ମଂଚାସୀନ ଥିଲେ । ପ୍ରଦୀପ କୁମାର ମିଶ୍ର, ସୌରଭ ପଟ୍ଟନାୟକ ଓ ଆରମ୍ଭ ପରିବାର ସଭ୍ୟ ସଭ୍ୟା ମାନେ ପରିଚାଳନାରେ ସହଯୋଗ କରିଥିଲେ । ସଭାକୁ ସଂଚାଳନ କରିଥିଲେ ଯୁବ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ।

ଜିଲ୍ଲା ବିଜେପି ସତ୍ୟାଗ୍ରହ ୧୬ ଦିନରେ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଗାଡକଣସ୍ଥିତ ଡମ୍ପିଂ ୟାର୍ଡକୁ ସମ୍ପୂର୍ଣ ଉଚ୍ଛେଦ ପାଇଁ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ପକ୍ଷରୁ ସୈନିକ ସ୍କୁଲ ସମ୍ମୁଖରେ ଆରମ୍ଭ ହୋଇଥିବା ସତ୍ୟାଗ୍ରହ ଆଜି ୧୬ ଦିନରେ ପହଁଚିଛି । ଣୁ ସତ୍ୟାଗ୍ରହକୁ ଭୁବନେଶ୍ୱରବାସୀଙ୍କ ବିପୁଳ ସମର୍ଥନ ଦେଖିବାକୁ ମିଳୁଛି , ଏପରିକି ଏଥିରେ ସ୍ଥାନୀୟ ଜନସାଧାରଣ ଆସି ଯୋଡ଼ି ହେଉଛନ୍ତି ଓ ବିଭିନ୍ନ ଅନୁଷ୍ଠାନ ଆସି ମଧ୍ୟ ସତ୍ୟାଗ୍ରହକୁ ସମର୍ଥନ କରୁଛନ୍ତି । ଅସୁସ୍ଥ ପରିବେଶ, ବାୟୁ ପ୍ରଦ୍ୟୁଷଣ ଓ ଅସହ୍ୟ ଦୁର୍ଗନ୍ଧ କାରଣରୁ ସ୍ଥାନୀୟ ଅଂଚଳବାସୀ ଘରର କବାଟ ବନ୍ଦ କରି ରହିବା ସହିତ ମୁହଁରେ ମାସ୍କ ପିନ୍ଧୁଛନ୍ତି । ଏପରିକି ଚର୍ମରୋଗ, ଶ୍ୱାସରୋଗ ଓ କ୍ୟାନସର ଭଳି ମାରାତ୍ମକ ରୋଗ ବ୍ୟାପିବାରେ ଲାଗିଛି । ରାଜ୍ୟ ସରକାରଙ୍କ ଏଭଳି ଅମାନୁଷିକ ପଦକ୍ଷେପ ନେବା କାରଣରୁ ଆଜି ଭାରତୀୟ ଜନତା ପାର୍ଟି ଜିଲ୍ଲା ପକ୍ଷରୁ 'ଡମ୍ପିଂ ୟାର୍ଡ'କୁ ନେଇ ସତ୍ୟାଗ୍ରହ ରେ ବସିଛି । ଆଜିର ଏହି ସତ୍ୟାଗ୍ରହ ରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ,ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଙ୍କ ସମେତ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପିର ସମସ୍ତ ନେତୃବୃନ୍ଦ ଉପସ୍ଥିତ ଥିଲେ ।

ମାନବାଧିକାର ମିଶନର ବାର୍ଷିକ ଉତ୍ସବ

କନ୍ଧମାଳ, ୧୪/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ମାନବାଧିକାର ମିଶନ ରାଜ୍ୟ ସଭାପତି ଦିଲ୍ଲିପ କୁମାର ଧଳ ଏବଂ ମହିଳା ସଭାନେତ୍ରୀ ଶ୍ରୀମତୀ ଆରତୀ ମଙ୍ଗରାଜ, ଉପସଭାପତି ଜଳନ୍ଧର ବେହେରାଙ୍କ ନିର୍ଦ୍ଦେଶରେ ମାନବାଧିକାର ଅଧକ୍ଷଙ୍କ ନିଷ୍ପତ୍ତି କ୍ରମେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୭୬ତମ ମାନବାଧିକାର ଦିବସକୁ ସେବା ଦିବସ ଭାବରେ ପାଳନ କରାଯାଇଛି । ଏହି ଅବସରରେ କନ୍ଧମାଳ ଜିଲ୍ଲା ଜାମୁଝରି ଅଂଚଳର ବଙ୍ଗଳା ସାହିରେ ଥିବା ଅଙ୍ଗନୱାଡ଼ି କର୍ମୀ ରଶ୍ମିନି ମଲ୍ଲିକ ଏବଂ ସରପଂଚ ଲଳିତା କହଁରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମଟି ପାଳନ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର କନ୍ଧମାଳ ଜିଲ୍ଲା ସଭାପତି ବିରାଜ କୁମାର ପ୍ରଧାନ, ସମ୍ପାଦକ ଶେଖ୍ ରିହାଜୁଦ୍ଦିନ୍, ଉପ ସଭାପତି ଅଖୟ କୁମାର ରାୟ, ମାନବାଧିକାର ମିସନ ମିଡ଼ିଆ ସମ୍ପାଦକ କୁନା ଦିଗାଲ, ହୋମଗାର୍ଡ ସଂଘ କର୍ମକର୍ତ୍ତା ,ସଭାପତି ପ୍ରଭାତ କୁମାର ସାହାଣୀ ସମ୍ପାଦକ ସପନ କୁମାର ମିଶ୍ର, ଟାଉନ ଥାନା ହୋମଗାର୍ଡ ସଂଘ କର୍ମକର୍ତ୍ତା ଉପ ସଭାପତି ସାଫରିନ ଖାନ୍ କୋଷାଧକ୍ଷ ଜୟନ୍ତୀ ଚୈଧୁରୀଙ୍କ ଆଲୋଚନା ପ୍ରକାର ସଭାପତି ବିରାଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜାମଝରି ପଂଚାୟତର ଜାମଝରି ଗ୍ରାମରେ ଥିବା ଅଙ୍ଗନବାଡ଼ି ସ୍କୁଲର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ସିଲଟ,ଖଡ଼ି, ଏବଂ ବିସ୍କୁଟ ଆଦି ବଣ୍ଟନ କରାଯାଇଥିଲା । କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତ୍ତା ମଞ୍ଜୁଳା ନାୟକଙ୍କ ହାଇକୋର୍ଟ ଡିଗ୍ରୀ କେସ ମାନବାଧିକାର ମିସନର ପ୍ରୟାସକୁ କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତ୍ତା ଭୁୟଶ୍ରୀ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି । ଏହି କାର୍ଯ୍ୟକ୍ରମରେ ଜାମୁଝରି ଅଂଚଳର ସମାଜସେବୀ ପ୍ରଦୀପ କହଁର,ରାଜ୍ୟ ସାମାଜସେବୀ ତଥା ବିଧାୟକ ପ୍ରତିନିଧି ନୀଳାମ୍ବର କହଁର ଏବଂ କନ୍ଧମାଳ ଜିଲ୍ଲା ମିଳିତ ମଂଚ ଜିଲ୍ଲା ସଭାପତି ସମୀର କୁମାର ଘଟାଲ ଉପସ୍ଥିତ ରହି ଶୃଙ୍ଖଳିତ ସହଯୋଗ କରିଥିଲେ ।

କାହ୍ନୁଚରଣ ଜୁନିଅର କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

କୋରେଇ, ୧୪/୧୨ (ନି.ପ୍ର): କୋରେଇସ୍ଥିତ କାହ୍ନୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଯୁବ ଓଡିଶା ନବୀନ ଓଡିଶା ଅଧିନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଲେଜର ପ୍ରାକ୍ତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଧନେଶ୍ୱର ଗ୍ରାମ ପଁଚାୟତର ସରପଁଚ ଶ୍ୟମ ସୁନ୍ଦର ମାଝି, ଡିଗ୍ରୀ କଲେଜର ଅଧକ୍ଷ ଡ. ମୋହନ ଚରଣ ଖୁଂଟିଆ ପ୍ରମୂଖ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ସ୍ମୃତିରଂଜନ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ପ୍ରାଧ୍ୟାପକ ରବିନ୍ଦ୍ର କୁମାର ବିଶ୍ୱାଳ ମଂଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସ୍କୃତିକ ବିଭାଗର ମୁଖ୍ୟ ଅଧ୍ୟାପକ ବିକ୍ରମ କିଶୋର ପାତ୍ର, ସାମାଜିକ କାର୍ଯ୍ୟ ମୁଖ୍ୟ ଅଧ୍ୟାପକ କୈଳାଶ ଚନ୍ଦ୍ର ରାଉତ ଏବଂ କ୍ରୀଡା ବିଭାଗର ମୁଖ୍ୟ ଅଧ୍ୟାପକ ମାୟାଧର ଜେନା ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଏହି କାଯ୍ୟକ୍ରମର ଆଭିମୂଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଅଧ୍ୟାପକ ବିରଂଚି ନାରାୟଣ ଦାସ ଅତିଥି ପରିଚୟ ପ୍ରଧାନ କରିଥିବା ବେଳେ ଅଧ୍ୟାପକ ପ୍ରଶାନ୍ତ ଦ୍ୱିବେଦୀ କାର୍ଯ୍ୟକ୍ରମର ଅଭିମୂଖ୍ୟ ସୂଚନା ଦେଇଥିଲେ । ପରିଶେଷରେ ଅଧ୍ୟାପକ ଅଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଏବଂ ଛାତ୍ର ଛାତ୍ରୀଙ୍କ ପ୍ରତିନିଧିମାନେ ସହାୟତା କରିଥିଲେ ।

ସଟ୍ ସର୍କିଟରୁ ଅଗ୍ନିକାଣ୍ଡ: ଶିଶୁ କନ୍ୟା ମୃତ

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା କଂସାର ପଂଚାୟତ ସାହସପୁର(ହଳଦୀଡିହ) ଗ୍ରାମର ଅବସରପ୍ରାପ୍ତ କିରାଣୀ ସୁରେନ୍ଦ୍ର ନାଥ ଲେଙ୍କାଙ୍କ ଦୁଇ ବର୍ଷର ନାତୁଣୀ ଘରେ ଶୋଇଥିବା ବେଳେ ସେହି ଘରେ ଅଲଆଉଟ୍ ମଶାଧୂପ ଦିଆଯାଇଥିଲା । ଏହି ଅଲଆଉଟରୁ ସଟ୍ସର୍କିଟ ଘଟି ନିକଟରେ ଥିବା ଆଲଣାରେ ଥିବା ଲୁଗାପଟାରେ ନିଆଁ ଲାଗିଯାଇଥିଲା । ପୋଡା ଗନ୍ଧ ହେବାରୁ ତାଙ୍କ ମା ଆସି ଦେଖନ୍ତି ଆଲଣାରୁ ନିଆଁ ଲାଗି ତାଜା ଉପରେ ଥିବା ସାମଗ୍ରୀ ଜଳିବାରେ ଲାଗିଛି । ସେ ହଠାତ୍ ନିକଟ ଖଟରେ ଶୋଇଥିବା ନିଜର ଦୁଇ ବର୍ଷର ଶିଶୁ କନ୍ୟାଟିକୁ ନିଆଁରୁ ଉଦ୍ଧାର କରିଥିଲେ ମଧ୍ୟ ତାର ଶରୀର ୬୦% ଭାଗ ଜଳିଯାଇଥିଲା । ଗୁରୁତ୍ୱର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଶଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି ।

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଗମନ ଶତବାର୍ଷିକୀ ପ୍ରସ୍ତୁତି ବୈଠକ

ପୁରୀ , ୧୪/୧୨ (ନି.ପ୍ର): ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ପୁରୀ କୁ ଆଗମନର ୧୦୨ ବର୍ଷ ପୂର୍ତ୍ତି ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏଥିରେ ଅଧକ୍ଷତା କରି ଆସନ୍ତା ଜାନୁୟାରୀ ୧୪ ତାରିଖରେ ଏହି ଆଗମନ ଦିବସ କୁ ପାଳନ କରିବାକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଉତ୍ସବ କମିଟି ପ୍ରଶାସନ କୁ ଅନୁରୋଧ କରିଛନ୍ତି ।ତେଣୁ ଏହାକୁ ଶୃଙ୍ଖଳା ର ସହ ପରିଚାଳନା ପାଇଁ ବିଭିନ୍ନ ବିଭାଗ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ତାଳବଣିଆ ଠାରେ ଆୟୋଜିତ ହେବ । ତେଣୁ ଆଇନ ଶୃଙ୍ଖଳା ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା,ଗାଡି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ସେ ପରାମର୍ଶ ଦେଇଥିଲେ ।କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ବିଭିନ୍ନ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।ପ୍ରାରମ୍ଭରେ ଉତ୍ସବ କମିଟି ର ସମ୍ପାଦକ ଡମ୍ବରୁଧର ଦାସ ସମସ୍ତ ଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ବୈଠକରେ ପୁରୀ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଡେପୁଟି କଲେକ୍ଟର ମନୋଜ କୁମାର ପ୍ରଧାନ,,ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଶଂଗ୍ରହଣ କରିଥିଲେ । କମିଟିର ଉପ ସଭାପତି ଡ଼ଃ ହୃଷିକେଶ ସେନାପତି, ସହ ସମ୍ପାଦକ ନିରଞ୍ଜନ ବେହେରା, ଡଃ ନନ୍ଦ କିଶୋର ପ୍ରଧାନ, ସ୍ୱାଇଁ ଶ୍ରୀ ନୃସିଂହ ଶ୍ରୀଚନ୍ଦନ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ ।

ତୁଳସୀ ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତି ଅଭିଯାନ

କେନ୍ଦ୍ରାପଡ଼ା, ୧୪/୧୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ନୂଆ ଓଡିଶା କାର୍ଯ୍ୟକ୍ରମ ଆଧାରରେ ନିଶାମୁକ୍ତି ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି । ଏନେଇ ଆୟୋଜିତ ଏକ ଶୋଭାଯାତ୍ରାକୁ ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରା ଓ କାଉନସିଲର ନିରାକାର ସ୍ୱାଇଁ, ପ୍ରଦୀପ୍ତ କୁମାର ଜେନା ଉଦ୍‌ଘାଟନ କରିଥିଲେ । ମହାବିଦ୍ୟାଳୟ ର ନୂଆ ଓଡିଶା କାର୍ଯ୍ୟକ୍ରମର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ, ନୂଆ ଓ କାର୍ଯ୍ୟକ୍ରମ ନୋଡାଲ୍ ଅଫିସର ଡ଼ ମମତା ସାହୁ ଏବଂ ସାମାଜିକ ସଚେତନତା ବିଭାଗର ଅଧ୍ୟାପିକା ବନ୍ୟା ବେହେରା ଓ ଅଧ୍ୟାପିକା ପ୍ରଭାସିନୀ ଜେନାଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ର ଉଭୟ +୨ ଓ +୩ ଛାତ୍ରୀଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ନିଶାମୁକ୍ତି ସଚେତନତା ସମ୍ପର୍କୀୟ ବିଭିନ୍ନ ସ୍ଲୋଗାନ୍ ଦେଇ ସ୍ଥାନୀୟ ଗୋପଛକ ପରିକ୍ରମା କରିଥିଲା । ଏହି ନିଶାମୁକ୍ତି ଅଭିଯାନ ଶୋଭାଯାତ୍ରାକୁ ଅଧ୍ୟାପକ ଶକ୍ତି ଶେଖର ଦାସ, ଅଧ୍ୟାପକ ସନତ କୁମାର ପ୍ରଧାନ, ଅଧ୍ୟାପିକା ସୁଭଦ୍ରା ସାମଲ, ଅଧ୍ୟାପକ ରଞ୍ଜିତ୍ ଦାସ, ବର୍ଷାରାଣୀ ଜେନା, ଅର୍ପିତା ପ୍ରିୟଦର୍ଶିନୀ କାନୁନ୍‌ଗୋ ପରିଚାଳନା କରିଥିଲେ ।

ପୋଖରୀରେ ବୁଡି ଷଷ୍ଠ ଶ୍ରେଣୀ ନାବାଳକଙ୍କ ମୃତ୍ୟୁ

ଖୋର୍ଦ୍ଧା, ୧୪/୧୨ (ନି.ପ୍ର): ପୋଖରୀରେ ବୁଡି ନାବାଳକର ମୃତ୍ୟୁ ଘଟିଛି । ମୃତ ନାବାଳକ ଜଣକ ହେଲା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଜରି ପଡ଼ାପଂଚାୟତ ବାଉଁଶ ମୂଳ ଗ୍ରାମର ଗୋପାଳ ଚନ୍ଦ୍ର ପ୍ରଧାନଙ୍କ ପୁତ୍ର ସତ୍ୟବ୍ରତ ପ୍ରଧାନ (୧୧ ବର୍ଷ)। ସୂଚନା ଅନୁଯାୟୀ, ବାଉଁଶ ମୂଳ ଗ୍ରାମର ଗୋପାଳ ଚନ୍ଦ୍ର ପ୍ରଧାନଙ୍କ ପୁତ୍ର ସତ୍ୟବ୍ରତ ପ୍ରଧାନ (୧୧ ବର୍ଷ) ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ହେତୁ ଗୋଡ଼ ଖସି ଯିବାରୁ ଗଭୀର ଜଳରେ ବୁଡି ଯାଇଥିଲା । ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ସତ୍ୟବ୍ରତଙ୍କୁ ମୃତ ଘୋଷଣା କରିଥିଲେ । ଟାଙ୍ଗୀ ପୋଲିସ ଶବ ଜବତ କରିବା ସହ ଘଟଣାର ତଦନ୍ତ କରୁଛି । ମୃତ ଛାତ୍ର ଜଣକ ସ୍ଥାନୀୟ ଦାଶରଥୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀର ପଢୁଥିବା ଜଣାପଡିଛି ।

ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଛାତ୍ରଛାତ୍ରୀଙ୍କ ପ୍ରୟାସ

ପୁରୀ , ୧୪/୧୨ (ନି.ପ୍ର): ସରକାରୀ ଆଇଟିଆଇର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ପୁରୀ ସହରର ବିଭିନ୍ନ ଅଞ୍ଚଳରେ, 'ପ୍ଲାଷ୍ଟିକ

ଓଡ଼ିଶା ଗ୍ରାମ ପଂଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦାବି: ଉପକୃତ ହେବେ ରାଜ୍ୟର ୬୭୯୪ କର୍ମଚାରୀ

ଖୋର୍ଦ୍ଧା, ୧୪/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ୧୦ଗୋଟି ବ୍ଲକର ୧୯୦ଗୋଟି ଗ୍ରାମ ପଂଚାୟତ ମାନଙ୍କରେ ମୋଟ ୧୪୯ଜଣ ପିଅନ, ୧୯ ଜଣ ରାତ୍ର ଜଗୁଆଳୀ ଓ ୭ଜଣ ସୁଇପରମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଆଜି ମା' ବାଟମଙ୍ଗଳା ମନ୍ଦିର ପରିସରରେ ଜିଲ୍ଲା ସଭାପତି ରାଜେଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୋଟ ୧୦ ଗୋଟି ଦାବୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଦାବୀଗୁଡିକ ମଧ୍ୟରେ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା, ସମାନ କାମକୁ ସମାନ ଦରମା, ଓଡ଼ିଶା ଗ୍ରାମ ପଂଚାୟତ ନିୟମ ୧୨୫/୨୦୧୪ ମସିହା ଓ ୧୯୬୪ ମସିହା ୧୨୩ ଆଇନକୁ ତୁରନ୍ତ ସଂଶୋଧନ କରି ରାଜ୍ୟ ବଜେଟରେ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା କରିବା, ପଂଚାୟତିରାଜ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରି ପଂଚାୟତିରାଜ ବିଭାଗର ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ ସିଷ୍ଟମରେ କର୍ମଚାରୀମାନଙ୍କ ସବିଶେଷ ତଥ୍ୟ ଅପଲୋଡ଼ କରିବା, ଶିକ୍ଷାଗତ ଯୋଗ୍ୟତା ଭିତିରେ ପଦୋନ୍ନତି ଦେବା, ଶ୍ରମ ଓ ନିୟୋଜନ ବିଭାଗର କ୍ୟାଟାଗୋରୀରେ ସାମିଲ୍ କରିବା ସହିତ ଦୈନିକ ସର୍ବନିମ୍ନ ମଜୁରି ୩୫୨ ଟଙ୍କାରୁ କମ୍ ହେଉନଥିବା ଏକ ଷ୍ଟାଣ୍ଡିଂ ଅର୍ଡ଼ର ପଂଚାୟତିରାଜ ବିଭାଗରୁ ପ୍ରତ୍ୟେକ ଗ୍ରାମ ପଂଚାୟତ କାର୍ଯ୍ୟାଳୟକୁ ପଠାଇବା, କର୍ମ କ୍ଷେତ୍ରରେ ସୁରକ୍ଷା ପ୍ରଦାନ ବ୍ୟବସ୍ଥା କରିବା ସହିତ କର୍ମଚାରୀର ମୃତ୍ୟୁ ଅନ୍ତେ ତାର ପରିବାରର ଜଣେ ସଦସ୍ୟଙ୍କୁ ଥଇଥାନ ଦେବା ଓ ବିମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହିତ ମୃତ୍ୟୁ ଅନ୍ତେ ସରକାରଙ୍କ ଠାରୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ଭଳି ଦାବି ସହିତ ବିଗତ ଦିନମାନଙ୍କରେ ଗ୍ରାମ ସମ୍ପାଦକମାନଙ୍କୁ ଯେଉଁ ଗ୍ରାଉଣ୍ଡରେ ସରକାରୀ ଅନୁଦାନ ଦେଇଥିଲେ, ସେହି ପଦ୍ଧତିରେ ଏମାନଙ୍କୁ (ଗ୍ରାଂଟ-ଇନ-ଏଡ) କର୍ମଚାରୀ ସହାୟତା ଅନୁଦାନ ପ୍ରଦାନ କରିବା ପ୍ରମୁଖ ଦାବି ରହିଛି । ସଙ୍ଘ ଆହୁରି କହିଛି ରାଜ୍ୟ ସରକାର ସମସ୍ତ ସରକାରୀ ଓ ବେସରକାରୀ ସଂଗଠନ ମାନଙ୍କରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ବିଭିନ୍ନ ବିଭାଗ ଅଫିସ ମାନଙ୍କରେ ସ୍ଥାୟୀ ନିଯୁକ୍ତି ଦେଇଛନ୍ତି । କିନ୍ତୁ ଦୀର୍ଘ ବର୍ଷ ଧରି ଭବିଷ୍ୟତରେ ସରକାରୀ ଅନୁଦାନ ପାଇବା ଆଶା ରଖି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ମାନଙ୍କରେ ସକାଳ ୧୦ରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପଂଚାୟତ ଅଫିସ୍ ଖୋଲା ରଖି ପଂଚାୟତ ଅଧିବାସୀମାନଙ୍କୁ ନିରନ୍ତର ସେବା ପ୍ରଦାନ କରୁଛନ୍ତି । ମାତ୍ର ଏମାନଙ୍କୁ ଏପର୍ଯ୍ୟନ୍ତ ସରକାରୀ ଅନୁଦାନ ଟଙ୍କା କିଛି ମିଳୁନାହିଁ । ଭାରତ ସ୍ୱାଧୀନ ହେଲାଣି ୭୫ବର୍ଷ ହେବ । ଏ ବାବଦରେ ସଂଘ ପକ୍ଷରୁ ବହୁବାର (ଶାସନ ଓ ପ୍ରଶାସନ) ନିକଟରେ ସଙ୍ଘ ପକ୍ଷରୁ ଗୁହାରୀ କରାଯାଇଅଛି । ଏଥିସହିତ ଏବେ ୫-ଟି ଅଧକ୍ଷ ବିଭିନ୍ନ ଜିଲ୍ଲା ଗ୍ରସ୍ତ ସମୟରେ କର୍ମଚାରୀ ସଂଘ ପକ୍ଷରୁ ମଧ୍ୟ ଦାବୀ ଅଭିଯୋଗ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ଏବଂ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିକୁ ମଧ୍ୟ ଦାବି ସ୍ମାରକପତ୍ର ଦିଆଯାଇଅଛି । କିନ୍ତୁ ଏପର୍ଯ୍ୟନ୍ତ ହେଲା ସରକାରୀସ୍ତରରେ ଘୋଷଣା କରିନଥିବା ଯୋଗୁଁ କର୍ମଚାରୀ ମାନେ ଦୁଃଖ ପ୍ରକାଶ କରିଛନ୍ତି ବୋଲି ରାଜ୍ୟ ସଂଘ ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ ମତ ପ୍ରକାଶ କରିଛନ୍ତି । ଏଣୁ ସରକାର ସେମାନଙ୍କ ଦାବୀ ପୁରଣ କରିବା ଲାଗି ସେମାନେ ଦାବି କରିଛନ୍ତି । ଆଜି ଏହି ବୈଠକରେ ଜିଲ୍ଲା ସଂଘର ବିଭିନ୍ନ ଗ୍ରାମ ପଂଚାୟତରୁ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ । ଜିଲ୍ଲା ସମ୍ପାଦକ ନାରାୟଣ ବେହେରା, କୃପାସିନ୍ଧୁ ବାରିକ, କ୍ଷୀରୋଦ ବେହେରା, ପାର୍ବତୀ ସ୍ୱାଇଁ, ଚନ୍ଦନ ମହାପାତ୍ର, ଅରୁଣ ପଲେଇ, ବ୍ରହ୍ମରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ସରପଂଚ ସଂଘର ସଭାପତି ବିଷ୍ଣୁ ପ୍ରସାଦ ଢ଼େଙ୍ଗ ଏବଂ ସମ୍ମାନିତ ଅତିଥି ଭାବେ କୁସୁମାଟି ଛଣଘର ସରପଂଚ ସୁବାସିନୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।

୨ ଦଫା ଦାବି ପୂରଣ ପାଇଁ କଳା ବ୍ୟାଚ ପିନ୍ଧିଲେ ଅଗ୍ନିଶମ କର୍ମଚାରୀ

କେନ୍ଦ୍ରାପଡ଼ା, ୧୪ ଡିସେମ୍ବର (ହି.ସ) : କେନ୍ଦ୍ରାପଡା ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ୨ ଦଫା ଦାବି ପୂରଣ ପାଇଁ କଳା ବ୍ୟାଚ ପରିଧାନ କରି ପ୍ରତିବାଦ କରିଥିବା ଜଣାପଡିଛି । ଓଡିଶା ପୋଲିସର ହାବିଲଦାର, କନେଷ୍ଟବଲଙ୍କ ପରି ସମାନ ପଦ୍ଧତିରେ ପରୀକ୍ଷା ଦେଇ ଚାକିରୀ କରୁଥିବା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ମାନେ ସମାନ ଦରମା ଓ ସମାନ ସରକାରୀ ସୁବିଧା ପାଇବା ପାଇଁ ଦୀର୍ଘଦିନ ରୁ ଦାବି କରି ଆସୁଥିବା ବେଳେ ରାଜ୍ୟ ସରକାର ଏଥି ପ୍ରତି କର୍ଣ୍ଣପାତ କରୁ ନାହାଁନ୍ତି । ୨୦୧୦ ମସିହା ପର୍ଯ୍ୟନ୍ତ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ଦରମା ସମାନ ଥିବାବେଳେ ତାହା ପରଠାରୁ ତାରତମ୍ୟ ଆରମ୍ଭ ହୋଇଯାଇଛି । ଏହାକୁ ସଂଶୋଧନ କରି ସମାନ ଦରମା ଓ ସୁବିଧା ଦେବାକୁ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଦାବି କରୁଥିଲେ ମଧ୍ୟ ସରକାର ଶୁଣୁ ନଥିବାରୁ କଳା ବ୍ୟାଚ ପିନ୍ଧି କର୍ମଚାରୀ ମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଏହା ସହ ଅଗ୍ନିଶମ କର୍ମଚାରୀ ସଂଘକୁ ସରକାରୀ ମାନ୍ୟତା ଦେବାକୁ ଦାବି ରଖାଯାଇଛି । କେନ୍ଦ୍ରାପଡାର ବଡମଙ୍ଗଳା ଠାରେ ଥିବା ଅଗ୍ନିଶମ କାର୍ଯ୍ୟାଳୟର କର୍ମଚାରୀ ମାନେ ଅନିର୍ଦ୍ଧିଷ୍ଟ କାଳ ପାଇଁ କଳା ବ୍ୟାଚ ପିନ୍ଧି କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି ।

ବିଶିଷ୍ଟ ସମାଜସେବୀ ରାଜେନ୍ଦ୍ର କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ

ସିଂଲା/ଲଙ୍ଗେଳେଶ୍ୱର, ୧୪/୧୨ (ନି.ପ୍ର): ବସ୍ତା, ବାଲିଆପାଳ ଓ ଜଳେଶ୍ୱର ଅଞ୍ଚଳର ବିଶିଷ୍ଟ ସମାଜସେବୀ, ରାଜନେତା ତଥା ଘାଟୀ ଆନ୍ଦୋଳନ ଓ କୃଷକ ଆନ୍ଦୋଳନ ସହିତ ସର୍ବଦା ସଂପୃକ୍ତ ଥିବା ସିଂଲାର ରାଜେନ୍ଦ୍ର ବିଶ୍ୱାଳଙ୍କ ଆଜି ତୃତୀୟ ଶ୍ରାଦ୍ଧ ଦିବସ ତାଙ୍କ ସିଂଲା ସ୍ଥିତ ବାସଭବନରେ ପାଳିତ ହୋଇଯାଇଛି । ପ୍ରଫେସର ଶତ୍ରୁଘ୍ନ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରାଦ୍ଧ ଦିବସ 'ସମାଜସେବୀ ରାଜେନ୍ଦ୍ର ବିଶ୍ୱାଳ ସ୍ମୃତି ପରିଷଦ' ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଉପସ୍ଥିତ କମିଟିର ସଦସ୍ୟ ତଥା ତାଙ୍କୁ ଭଲପାଉଥିବା ବ୍ୟକ୍ତିମାନେ ଯୋଗଦେଇ ରାଜେନ୍ଦ୍ର ବିଶ୍ୱାଳଙ୍କ ବିଭିନ୍ନ ଜନସେବା ବିଷୟରେ ବର୍ଣ୍ଣନା କରିଥିଲେ । ଏହି ସଭାରେ ଡଃ ଶିବ କଲ୍ୟାଣ ବିଶ୍ୱାଳ, କମୋଳଲୋଚନ ପିଳା, ସମରେନ୍ଦ୍ର ବିଶ୍ୱାଳ, କନକଲତା ମହାନ୍ତି, ଧୀରେନ୍ଦ୍ର ବିଶ୍ୱାଳ, ସୁଲତା ନାୟକ, କେତନ ବିଶ୍ୱାଳ, ଲଳିତ କୁମାର କର, ସ୍ମିତା ପ୍ରଧାନ, ହରେନ୍ଦ୍ର ବିଶ୍ୱାଳ, ଲଳିତ କୁମାର କର, ସୁମତି ପିଳା, ସୁକାନ୍ତି ଦାସ, ଦିପନି ରାଉତ ଦିବ୍ୟାଶା ବିଶ୍ୱାଳ, ଅଜୟ କୁମାର ପ୍ରଧାନ, ଆକଦିରଖଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ 'ସ୍ମୃତି ଚାରଣ କରିଥିଲେ । କେତନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ବିଭିନ୍ନ ଆଇନ ଶୀର୍ଷକ କର୍ମଶାଳା

ଭଦ୍ରକ , ୧୪/୧୨ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ଆନୁକୂଲ୍ୟରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସଭାଗୃହ ପରିସରରେ ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ଅଂଶୀଦାର ସମୂହଙ୍କ ପାଇଁ କିଶୋର ନ୍ୟାୟ ଓ ଶିଶୁଙ୍କ ବିଭିନ୍ନ ଆଇନ ଶୀର୍ଷକ କର୍ମଶାଳା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ରୂପେ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଡୁପାଲି ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳା ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ରୂପେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍‌ର ଅଧକ୍ଷା ଡି.ଏସ୍.ପି. (ଏଚ୍.ଆଇ.ପି.ସି.) ପୁଷ୍ପଲତା ବାରିକ ଯୋଗଦାନ କରିଥିଲେ । ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ବିଷୟ ବିଷାରଦ ରୂପେ ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ ଏବଂ ଅଂଶୀଦାର ମାନଙ୍କ ଭୂମିକା ଶିଶୁ ସୁରକ୍ଷା ପାଇଁ ବିହୀତ ଆଇନ୍, ପୋଲିସର କାର୍ଯ୍ୟଧାରା ସଂପର୍କରେ ମତ ରଖିଥିଲେ । ପ୍ରତିପାଳନ ଯତ୍ନ ପାଇଁ (ଏସ୍.ଡବଲୁ.ବି)ର ନିର୍ଦ୍ଦେଶକ ଅନୁପମ ସରକାର କର୍ମଶାଳାରେ ଟିପଣୀ ରଖିଥିଲେ । କିଶୋର ନ୍ୟାୟ ପରିଷଦର ସଦସ୍ୟ ବନମାଳୀ ଜେନା ଓ ଲଳିତା ସାହୁ ଶିଶୁ ମାନଙ୍କୁ ପରିଷଦରେ ହାଜର ପାଇଁ କିଭଳି କାର୍ଯ୍ୟପନ୍ଥା ଆବଶ୍ୟକ ସେ ବିଷୟରେ କର୍ମଶାଳାରେ ଆଲୋକପାତ କରିଥିଲେ । ତତ୍ ସହ ଡା. ଦେବରାଜ ପାଣିଗ୍ରାହୀ, ନବୀନଚନ୍ଦ୍ର ସାହୁ ଶିଶୁ ମଂଗଳ କମିଟିପାଇଁ ଶିଶୁ ମାନଙ୍କୁ କିଭଳି ଥଇଥାନ ଦିଗ ପ୍ରତି ଧ୍ୟାନ ଦିଆଯାଉଛି ଏବଂ ସମସ୍ତଙ୍କ ଭୂମିକା କିଭଳି ହେବା ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିସହ କର୍ମଶାଳାରେ ଶିଶୁ ଶ୍ରମିକ, ଶିଶୁ ଚଲାଣ, ବାଲ୍ୟବିବାହ, କିଶୋର ନ୍ୟାୟ ଆଇନ ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଶିଶୁମାନଙ୍କ ବିଭିନ୍ନ ଆଇନ ବିଷୟରେ ସମସ୍ତେ ଅବଗତ ହେବା ସହ ସେଗୁଡ଼ିକୁ ମାନି ଚଳିବା ଆବଶ୍ୟକ ଦର୍ଶାଇଥିଲେ । ଏହି କର୍ମଶାଳାରେ ସମସ୍ତ ସି.ଡ଼ି.ପି.ଓ, ସମସ୍ତ ଥାନାର ଶିଶୁ ମଂଗଳ ଅଧିକାରୀ, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ ସଖୀ, ପରିବାର ପରାମର୍ଶ କେନ୍ଦ୍ର, ପ୍ରଗତି ଯୁବକ ସଂଘ, ପାରାଲିଗାଲ କର୍ମୀ ପ୍ରମୂଖ ଅଂଶ ଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ଶାଖାର ଅଣ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା, ସୁଦର୍ଶନ ବାଦ୍ରା ସମେତ ତଥାଗତ ଜେନା, ସସ୍ମିତା ନାୟକ, ଅରବିନ୍ଦ ସେଠୀ, ନିବେଦିତା ଲେଙ୍କା, ଧନଞ୍ଜୟ ଜେନା, ଜ୍ୟୋତିପ୍ରକାଶ ପତି, ଦିଗନ୍ତ ବେହେରା, ସମ୍ମିତ ମହାନ୍ତି, ରିୟାଜ ଅହମ୍ମଦ ପ୍ରମୂଖ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଶିଶୁ ସୁରକ୍ଷା ଶାଖାର ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି କର୍ମଶାଳା

କନ୍ଧମାଳ, ୧୪/୧୨ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, କନ୍ଧମାଳ ଆନୁକୂଲ୍ୟରେ ଗୁରୁବାର ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ନେଇ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ମାର୍ଗଦର୍ଶନରେ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ଏହାକୁ ପରିଚାଳନା କରିଥିଲେ । ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ପ୍ରଭୁ ପ୍ରସାଦ ମହାରଣା ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ ତଥା ଏହାର ବିଭିନ୍ନ ପ୍ରକ୍ରିୟା ବିଷୟରେ ପୁଖନପୁଙ୍ଖ ଭାବେ ବୁଝାଇଥିଲେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୨୦୦ ଗ୍ରାମରେ ଏହି ଯୋଜନା ପ୍ରସ୍ତୁତି ଶେଷ ହୋଇଅଛି । ଚଳିତ ବର୍ଷ, ୯ଟି ବ୍ଲକର ୫୦ଟି ଗ୍ରାମପଂଚାୟତ ଅଧିନସ୍ଥ ୨୦୦ଟି ନୂଆ ଗ୍ରାମ ଚୂଡାନ୍ତ ହୋଇଅଛି । ଏହି କର୍ମଶାଳାରେ ବିପର୍ଯ୍ୟୟ ମୂଲ୍ୟାଙ୍କନ, ପରିସ୍ଥିତି ବିଶ୍ଳେଷଣ, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ ଗୋଷ୍ଠୀ ଯୋଗଦାନ କୌଶଳ ଉପରେ ଆଲୋଚନା ହୋଇଥିଲା । ବିପର୍ଯ୍ୟୟ ପରିସ୍ଥିତିରେ ବିଭିନ୍ନ ବିପର୍ଯ୍ୟୟ ପରିଚାଳନା ଦଳ ଯଥା ପ୍ରାରମ୍ଭିକ ଏବଂ ପ୍ରସାରଣ ଦଳ, ରିଲିଫ ଏବଂ ସମନ୍ୱୟ ଦଳ, ଶବ ନିଷ୍କାସନ ଦଳ, ଟ୍ରାଉମା କାଉନସେଲିଂ ଦଳ, କ୍ଷୟକ୍ଷତି ଆକଳନ ଦଳର କାର୍ଯ୍ୟକାରିତା ଉପରେ ସୂଚନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅଂଶଗ୍ରହଣକାରୀ ମାନଙ୍କୁ ନିଜ ଗ୍ରାମ ଅନୁଯାୟୀ ବ୍ୟାପକ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ସଂସଦରେ ସ୍ମୋକ ....

ମନୋରଞ୍ଜନ ଭିଜଟର ପାସ୍‌ରେ ସଂସଦ ଭିତରକୁ ଯାଇଥିଲେ ଓ ଦର୍ଶକ ଗ୍ୟାଲେରୀରୁ ସିଧା ଲୋକସଭା ଚ୍ୟାମ୍ବରକୁ ଡେଇଁ ହଙ୍ଗମା କରିଥିଲେ । ଉଭୟ ଧୂଆ ମାଡ଼ କରିବାରୁ ଲୋକସଭା ଭିତରେ ଭୟଙ୍କର ବାତାବରଣ ସୃଷ୍ଟି ହୋଇଥିଲା । ସେହିପରି ଭିଜଟର ପାସ୍ ନ ପାଇ ବିଫଳ ହୋଇଥିବା ନୀଲମ ଓ ଅମୋଲ ସଂସଦ ବାହାରରେ ସମାନ କାଣ୍ଡ ଘଟଣାଇଥିଲେ । ସେହିପରି ଏହି ଗ୍ୟାଙ୍ଗର ଆଉ ଜଣେ ସଦସ୍ୟ ବିଶାଲ ଓରଫ ଭିକ୍ଟି ଶର୍ମାଙ୍କୁ ମଧ୍ୟ ପୁଲିସ୍ ଗତକାଲି ବାନ୍ଧିଥିଲା । ତେବେ ଭିକ୍ଟି ଶର୍ମାଙ୍କୁ ଆଜି କୋର୍ଟରେ ହାଜର କରାଯାଇ ନାହିଁ । ମୁଖ୍ୟ ୪ ଅଭିଯୁକ୍ତଙ୍କ ନାଁରଆ ୟୁଏପିଏ ଓ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି । ଘଟଣା ପଛର ମାଷ୍ଟରମାଇଣ୍ଡ ହେଉଛନ୍ତି ଲଳିତ ଝା । ତାଙ୍କୁ ଧରିବା ପାଇଁ ପୁଲିସ୍ ଉଦ୍ୟମ କରୁଥିଲେ ହେଁ ଏଯାଏ ସଫଳତା ପାଇ ନାହିଁ । ଘଟଣା ପଛରେ କେବଳ ନିଜର ଦାବି ଜଣାଇବା ଏକମାତ୍ର କାରଣ ରହିଥିଲା ନା ଏହା ପଛରେ ଆଉ କିଛି ଉଦ୍ଦେଶ୍ୟ ରହିଛି, ସେକଥା ଜାଣିବା ପାଇଁ ପୁଲିସ ଚାହୁଁଛି । ଅଭିଯୁକ୍ତମାନେ ଗ୍ୟାସ କାନିଷ୍ଟର୍ସକୁ ମୁୟାଇରୁ କିଣିଥିଲେ । ସେହିପରି ସେମାନେ କିଛି ପାମଫ୍ଲେଟ ମଧ୍ୟ ନିଜ ସହ ଆଣିଥିଲେ ବୋଲି ପୁଲିସ କୋର୍ଟଙ୍କୁ ଜଣାଇଛି । ଏକଥା ଶୁଣିବା ପରେ ସ୍ୱତନ୍ତ୍ର ବିଚାରପତି ହରଦୀପ କୌର ସମସ୍ତ ଅଭିଯୁକ୍ତଙ୍କୁ ୭ ଦିନ ରିମାଣ୍ଡରେ ପଠାଇଛନ୍ତି ।

ବନ୍ଧା ହେଲେ ନୟାଗଡ...

ଗୋଟିଏ ଏକ ମହଲା ବିଶିଷ୍ଟ ଘର ଅଛି । କେନ୍ଦ୍ରାପଡ଼ାର କୁଦନଗରୀ ଥାନା ଅନ୍ତର୍ଗତ ତାଳଗାଁରେ ତାଙ୍କର ୨୧୦୦ ବର୍ଗଫୁଟର ଏକ ଦୁଇ ମହଲା କୋଠା ଅଛି । କଟକ, ଜଟଣୀ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ାରେ ତାଙ୍କର ୬ଟି ପ୍ଲଟ ଅଛି । ନିଜ ନାଁରେ ଜମି କିଣିବାକୁ ସେ ଦୁଇ ଜଣ ବ୍ୟକ୍ତିଙ୍କୁ ଆଗୁଆ ୬ ଲକ୍ଷ ୫୪ ହଜାର ୫୦୦ ଟଙ୍କା ଦେଇଛନ୍ତି । ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି ଓ ୩ଟି ଦୁଇ ଚକିଆ ଗାଡ଼ି ଅଛି । ଏହି ମାମଲାରେ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ।

ଭୁବନେଶ୍ୱରରେ ୮ ହଜାର....

ଯାଞ୍ଚ ବେଳେ ଅଫିସ୍‌ରେ ସେକ୍ସନ ଅଫିସର ଶୁଭକାନ୍ତ ସ୍ୱାଇଁଙ୍କ ଠାରୁ ଆଉ ୫୫୦୦ ଟଙ୍କା ମିଳିଥିଲା । ସେହିପରି ତାଙ୍କ ଅଫିସ ଡ୍ରୟରରୁ ୧୪୯୯୦ ଟଙ୍କା ବାହାରିଥିଲା । ଭିଜିଲାନ୍ସ ସେହି ସବୁ ଟଙ୍କା ମଧ୍ୟ ଜବତ କରିଛି । ଏହା ପରେ ଶୁଭାକନ୍ତ ସ୍ୱାଇଁଙ୍କ ଦୁଇଟି ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ । ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା । ଏହି ଘଟଣା ନେଇ ଭୁବନେଶ୍ୱର ଭିଜିଲାନ୍ସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

ଡିଜିପିଙ୍କ ନିକଟରେ...

ଯୌନ ଶୋଷଣ କରାଯିବା, ଧମକ ଦେଇ ଟଙ୍କା ଆଦାୟ କରିବା, ମିଛ ପ୍ରତିଶ୍ରୁତି ଦେଇ ଯୁବକ-ଯୁବତୀଙ୍କୁ ସଂଗଠନରେ ସାମିଲ କରାଯିବା ଘଟଣାକୁ ରଞ୍ଜିତ ଓ ଉଙ୍ଗା ଗ୍ରହଣ କରିପାରି ନଥିଲେ । ସେହଭିଳି ତଳ ସ୍ତରର କ୍ୟାଡରଙ୍କ ପ୍ରତି ସଂଗଠନର ବରିଷ୍ଠ ସଦସ୍ୟଙ୍କ ବ୍ୟବହାରରେ ସେମାନେ ଅତିଷ୍ଠ ହୋଇସାରିଥିଲେ । ଆତ୍ମସମର୍ପଣ କରିଥିବା ରଞ୍ଜିତ ଓ ଉଙ୍ଗାଙ୍କୁ ସ୍ୱାଗତ କରିବା ସହିତ ଡିଜିପି ସୁନୀଲ କୁମାର

ଶୁକ୍ରବାର, ଡିସେମ୍ବର ୧୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ନୂଆସାହି କଲେଜର 'ନୂଆ - ଓ' କାର୍ଯ୍ୟକ୍ରମରେ ଜନସଚେତନତା ରାଲି

ଉଦଳା , ୧୪/୧୨ (ନି.ପ୍ର): କପ୍ତିପଦା ସ୍ଥିତ ନୂଆସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ନୂଆ ଓଡିଶା, ନୂତନ ଉନ୍ନତ ଅଭିଳାଷ ଓଡିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ୬ଷ୍ଠ ଦିବସରେ ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପ ବିଭାଗ ଆନୁକୂଲ୍ୟରୁ ଏକ ବିଶାଳ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଥିଲା । ଏହି ଅବସରରେ ଜାମବଣି ଗ୍ରାମପଂଚାୟତ ସରପଂଚଞ୍ଚ ଶ୍ରୀମତୀ ପିଙ୍କି ମାଝୀ ଏବଂ ସମିତି ସଭ୍ୟା ସୁଚିତ୍ରା ସିଂହ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ । ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ଜନସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ରାଲିରେ କିଛି ପଥ ଯାଇଥିଲେ । ନୋଡାଲ ଅଫିସର ଡକ୍ଟର ଶ୍ରୀହରି ପଣ୍ଡା ରାଲିକୁ ଉଦବୋଧନ ଦେବା ସହ ଶୃଙ୍ଖଳା ରକ୍ଷାକରି ଯିବାକୁ ପରାମର୍ଶ ଦେଇ ରାଲି ସହିତ ଯାଇଥିଲେ । ସାମାଜିକ କ୍ଲବ ମୁଖ୍ୟ ଡକ୍ଟର ଧନଯ ରାଉତ ରାଲିର ମାର୍ଗଦର୍ଶନ କରିବା ସହ ପଥପ୍ରାନ୍ତ ନାଟକମାନ ଆୟୋଜନ କରିଥିଲେ । ଅଧ୍ୟାପକ ହରମୋହନ ଜେନା, ସନ୍ତୋଷ କୁମାର ମହାନ୍ତି, ମଉନାବତୀ ଦାସ, ଋତୁପର୍ଣ୍ଣା କର, ଲୀନା ଆଚାର୍ଯ୍ୟ, ବୀରଭଦ୍ର ବେହେରା,ସର୍ବେଶ୍ୱର ବିଶ୍ୱାଳ ପ୍ରମୁଖ ରାଲିକୁ ବାଟ କଢେଇ ନେଇଥିଲେ । ରାଲି ବିଭିନ୍ନ ପ୍ରକାର ଜନ ସଚେତନତା ମୂଳକ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ସହ ବଜାରରେ ଏବଂ ଭାଲିଆଡିହି ଗ୍ରାମରେ ପଥପ୍ରା' ନାଟକ କରି ପ୍ରତ୍ୟାବର୍ତନ କରିବା ପରେ ସମାଜସେବୀ ଆଶିଷ ମଲ୍ଲିକ ଏବଂ ସୁବ୍ରତ କୁମାର ମହାନ୍ତିଙ୍କ ସହ ଅଧକ୍ଷ ରାଲିକୁ ସ୍ୱାଗତ ପାଛୋଟି ନେଇଥିଲେ । ଅଧ୍ୟାପକ ପ୍ରଦୀପ କୁମାର ବେହେରା ଏବଂ ନିରନ ମହାନ୍ତି ଙ୍କ ତତ୍ୱାବଧାନରେ କିଶୋର ରାଉତ, କାହ୍ନୁ ରାଉତ ଏବଂ ଅଖିଳ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଚର୍ଚ୍ଚା କରିଥିଲେ । ୧୩/୧୨ରେ ଏହି କାର୍ଯ୍ୟକ୍ରମରେ ସଡକ ସରୁକ୍ଷ ଜୀବନ ରକ୍ଷା ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୧୫/୧୨ରେ କ୍ରୀଡା ପ୍ରସୋହନ କାର୍ଯ୍ୟକ୍ରମକୁ ମୟୂରଭ ଜିଲ୍ଲା ପରିଷଦ ଅଧକ୍ଷା ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ଅଛି ବୋଲି ବିଦ୍ୟାଳୟ ସୂତ୍ରରୁ ପ୍ରକାଶ ।

ପେଗରପଡ଼ା ପ୍ରିମିୟର ଲିଗ୍ ଉଦ୍‌ଯାପିତ: କାଳୀବୁଢୀ ଇଲେଭେନ୍ ଷ୍ଟାର ଚମ୍ପିଆନ

ବସ୍ତା, ୧୪/୧୨ (ନି.ପ୍ର): ବସ୍ତା ବ୍ଲକ୍ କୁଡ଼ିଆ ପଞ୍ଚାୟତ ପେଗରପଡ଼ା ପଡ଼ିଆ ଠାରେ ସାରା ଇଲେଭେନ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ପେଗରପଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳରେ ନେଭର ମାଇଣ୍ଡ ଦଳ ଏବଂ କାଳୀବୁଢୀ ଇଲେଭେନ୍ ଷ୍ଟାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।ଟସ୍ ଓ୍ୱିନ୍ କରି କାଳୀବୁଢୀ ଇଲେଭେନ୍ ଷ୍ଟାର ନିର୍ଦ୍ଧାରିତ ୮ ଓଭର ମଧ୍ୟରେ ୩ଓ୍ୱିକେଟ୍ ହରାଇ ୯୪ ରନ୍ ସଂଗ୍ରହ କରିଥିଲା । ଜବାବରେ ନେଭର ମାଇଣ୍ଡ ଦଳ ନିର୍ଦ୍ଧାରିତ ୮ଓଭର ଖେଳି ୮ ଓ୍ୱିକେଟ୍ ହରାଇ ମାତ୍ର ୫୬ ରନ୍ ସଂଗ୍ରହ କରି ରନର୍ସଅପ୍ ହୋଇଥିଲା । ଫଳରେ ୩୮ରନ୍ ରେ ବିଜୟୀ ହୋଇ କାଳୀବୁଢୀ ଇଲେଭେନ୍ ଷ୍ଟାର ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଏବଂ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ୧୫ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଦେବିକା ସୋରେନ୍, ବାହାର୍ଦ୍ଦା ପଞ୍ଚାୟତର ସଭାପତି ପ୍ରଭାକର ମହାନ୍ତି, ସରପଞ୍ଚ ସଂଜିବ୍ ଦଳାଇ, ସମିତିସଭ୍ୟ ରାଜକିଶୋର ଦାସ, କୁଡ଼ିଆ ପଞ୍ଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ବେହେରା, ସମିତିସଭ୍ୟ ଜୟପ୍ରକାଶ ବେହେରା ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ । ସାରା ଇଲେଭେନ୍ କ୍ରିକେଟ କ୍ଲବ୍ ର ରାକେଶ କୁମାର ମହାନ୍ତି,ସୁବ୍ରତ ନାୟକ,କହ୍ନେଇ ଦଳେଇ,ଶିପୁ ଦାସ,ସୁଶାନ୍ତ ବିଶ,ବଳିଆ,ଟୁନା ପ୍ରମୁଖ କ୍ଲବର ସମସ୍ତ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

ଇଫ୍‌କୋ ପାରାଦୀପ ୟୁନିଟକୁ ମର୍ଯ୍ୟାଦାଜନକ ଜାତୀୟ ଶକ୍ତି ସଂରକ୍ଷଣ ସମ୍ମାନ ପ୍ରଦାନ କଲେ ମହାମହିମ ରାଷ୍ଟ୍ରପତି

ପାରାଦୀପ, ୧୪/୧୨ (ନି.ପ୍ର): ମହାନ ସମବାୟବିତ ଡଃ ଉଦୟ ଶଙ୍କର ଅଗସ୍ତି ଙ୍କ ନେତୃତ୍ୱାଧୀନ ବିଶ୍ୱର ସର୍ବ ବୃହତ୍ତ ସମବାୟ ଭିତ୍ତିକ ସାର ଉତ୍ପାଦନ କାରୀ ସଂସ୍ଥା ଇଫକୋ ସାର କାରଖାନା ପାରାଦୀପ ୟୁନିଟ କୁ ମର୍ଯ୍ୟାଦା ଜନକ ଜାତୀୟ ଶକ୍ତି ସଂରକ୍ଷଣ ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। ବୁଧବାର ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନ ପରିସରରେ ଭାରତ ସରକାରଙ୍କ ଶକ୍ତି ସଂରକ୍ଷଣ ବିଭାଗ ପକ୍ଷରୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି ।ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଇଫକୋ ପାରାଦୀପ ୟୁନିଟ ଏହି ମର୍ଯ୍ୟାଦା ଜନକ ସମ୍ମାନ ପ୍ରଦାନ କରିଛନ୍ତି । ଇଫକୋ ପାରାଦୀପ ୟୁନିଟର ମୁଖ୍ୟ କେଜେ ପଟେଲ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କ ଠାରୁ ଏହି ମର୍ଯ୍ୟାଦା ଜନକ ସମ୍ମାନ ଗ୍ରହଣ କରିଥିଲେ ।ଏହି ମର୍ଯ୍ୟାଦା ଜନକ ସମ୍ମାନ ହାସଲ କରିବା ପରେ ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ କେଜେ ପଟେଲ କହିଛନ୍ତି ଯେ ଆମର ଦଳଗତ ପ୍ରଚେଷ୍ଟାକୁ ସଠିକ ସମ୍ମାନ ପ୍ରଦାନ କରାଯାଇଛି। ଇଫକୋ ପାରାଦୀପ ୟୁନିଟ ଶକ୍ତି ସଂରକ୍ଷଣ ସହିତ ପରିବେଶ ର ସୁରକ୍ଷା, ପାରିପାର୍ଶ୍ୱିକ ଉନ୍ନୟନ କୁ ଆମେ ସର୍ବଦା ଗୁରୁତ୍ୱ ଦେଇ ଆସିଛୁ ।ଆମେ ଆଗାମୀ ଦିନରେ ଏହି ଭଳି କାର୍ଯ୍ୟରେ ବ୍ରତୀ ହେବୁ ଏହି ସମ୍ମାନ ଆମକୁ ଆହୁରି କଠିନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପ୍ରଦାନ କରିବ ।

ବେରଓ୍ୱେଲରୁ ଉଦ୍ଧାର ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ସମ୍ବଲପୁର ରେଙ୍ଗାଲି ଥାନା ଅନ୍ତର୍ଗତ ରାଲିପାଲି ଗାଁରେ ଏକ ବୋରଓ୍ୱେଲରୁ ଉଦ୍ଧାର ଶିଶୁ କନ୍ୟାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ବୁର୍ଲା ଭୀମସାର ଏସଏନସିୟୁ ବିଭାଗରେ ଭର୍ତ୍ତି କରାଯାଇ ଶିଶୁଟିର ଚିକିତ୍ସା ଚାଲିଛି । ଶିଶୁର ଶରୀରର ଆଭ୍ୟନ୍ତରୀଣ ଅଂଶରେ ସଂକ୍ରମଣ ଏବଂ ଜଟିଳ ସମସ୍ୟା ଥିବା ଚିକିତ୍ସା କରୁଥିବା ଡାକ୍ତର ମାନେ ଜାଣିବାକୁ ପାଇଛନ୍ତି । ଶିଶୁର ପେଟରେ ଏକ ପ୍ରକାର ଗ୍ୟାସ ଜମିଥିବା ଅଲଟ୍ରାସାଉଣ୍ଡ ରିପୋର୍ଟରେ ଜଣାପଡିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ଡାକ୍ତରୀ ଟିମ୍ । ଯଦି ଏହା ନିୟନ୍ତ୍ରଣକୁ ନଆସେ ତେବେ ଆଗକୁ ଶିଶୁ କନ୍ୟାକୁ ଆହୁରି ଉତ୍ତମ ମାନର ଚିକିତ୍ସା ସୁବିଧା ଯୋଗାଇବା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ପାରେ ବୋଲି ମେଡ଼ିକାଲ ଅଧିକ୍ଷକ ପ୍ରଫେସର ଲାଲ ମୋହନ ନାୟକ ସୂଚନା ଦେଇଛନ୍ତି ।

ଏଆଇଟିୟୁସିର ମହାସମାବେଶକୁ ସଫଳ ପାଇଁ ଉଠାଜଳସେଚନ କର୍ମଚାରୀଙ୍କ ବୈଠକ

ବାଲେଶ୍ୱର, ୧୪/୧୨ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମଜୀବୀ ଜନଗଣ ବିରୋଧୀ ନୀତିର ପ୍ରତିବାଦରେ ଆସନ୍ତା ଶନିବାର ଦିନ ରାଜ୍ୟ ଏଆଇଟିୟୁସି ଆହ୍ୱାନରେ ଭୁବନେଶ୍ୱରରେ ମହାସମାବେଶ ଓ ଗଣଧାରଣାରେ ଯୋଗଦେବାକୁ ଉଠାଜଳସେଚନ କର୍ମଚାରୀ ମାନଙ୍କ ବୈଠକ ଗୁରୁବାର ଦିନ ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତଥା ଏଆଇଟିୟୁସିର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ବୈଠକରେ ଅଧକ୍ଷତା କରିଥିଲେ। ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ଦାବିଗୁଡ଼ିକ ଉପସ୍ଥାପିତ କରି ଆସନ୍ତା ୧୬ ତାରିଖ ଶନିବାର ଦିନ ଭୁବନେଶ୍ୱର ସମାବେଶରେ ସମସ୍ତ ସାଥୀ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଉଠାଜଳସେଚନ ନିଗମରୁ ଅବସର ନେଇଥିବା କର୍ମଚାରୀମାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍ ସଂସ୍ଥା ମାସିକ ମାତ୍ର ୧ହଜାର ଟଙ୍କା କିମ୍ବା ତହିଁରୁ କମ୍ ଟଙ୍କା ପେନ୍‌ସନ୍ ପ୍ରଦାନ କରୁଛନ୍ତି। ରାଜ୍ୟ ଓ କେନ୍ଦ୍ର ସ୍ତରରେ ଇପିଏଫ୍ ପେନ୍‌ସନ୍ ଭୋଗୀ ଆସୋସିଏସନ୍‌ର ଦାବି ଓ ଆନ୍ଦୋଳନ ପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି। ତେଣୁ ମାସିକ ପେନସନ୍ ସର୍ବନିମ୍ନ ୯ହଜାର ଟଙ୍କା ଓ ମହଙ୍ଗାଭତ୍ତା ପ୍ରଦାନ ଦାବିରେ ଉଠାଜଳସେଚନ କର୍ମଚାରୀମାନେ ଭୁବନେଶ୍ୱର ସମାବେଶରେ ଯୋଗଦେବା ଜରୁରୀ ବୋଲି ଶ୍ରୀ ଜେନା ମତ ପ୍ରଦାନ କରିଥିଲେ। ସଂଘର ସହ ସଂପାଦକ ଶରତ ଚନ୍ଦ୍ର ଦଳାଇ ଓ କୋଷାଧକ୍ଷ ଶଶଧର ପରିଡ଼ା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମନୀତିକୁ ଦୃଢ଼ ସମାଲୋଚନା କରିଥିଲେ। ସର୍ବଶ୍ରୀ ସଂଗ୍ରାମ ମହାପାତ୍ର, ଭାସ୍କର ପାଣିଗ୍ରାହୀ, ହରେକୃଷ୍ଣ ବେହେରା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଦିଲ୍ଲୀପ ନାୟକ ଓ ଉମାକାନ୍ତ ସାହୁ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଇପିଏଫ୍ ପେନ୍‌ସନ୍ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ସଂଘର ପ୍ରତିଷ୍ଠାତା ସଭ୍ୟ ସନାତନ ଜଳଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ପରିବାର ପକ୍ଷରୁ ହସ୍‌ପିଟାଲ ସମ୍ମୁଖରେ ଶବ ରଖି ଧାରଣା

ଜଳେଶ୍ୱର , ୧୪/୧୨ (ନି.ପ୍ର): ଘ ଟ ଣ । ରୁ ପ୍ରକାଶ, ଜଳେଶ୍ୱର ବ୍ଲକର ଖାଲିନା ପଂଚାୟତର ଇକଡା ଗ୍ରାମର ସତ୍ୟବାନ ନାୟକଙ୍କ ସ୍ତ୍ରୀ ଝୁନିରାଣୀ ନାୟକ (୧୯)ଙ୍କର ଆଜି ରାତ୍ରୀ ୨ଟା ସମୟରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ଗତକାଲି ଜିକେ ଭଙ୍ଗର ହସ୍‌ପିଟାଲହସ୍‌ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ହସ୍‌ପିଟାଲର ସୁପରିଟେଣ୍ଡେଣ୍ଟ ଡାଃ ଦିଲ୍ଲିପ ପାତ୍ର ଅସ୍ତ୍ରପୋଚାର କରିଥିଲେ । ଅସ୍ତ୍ରପୋଚାର ପୂର୍ବରୁ ରୋଗୀ ସୁସ୍ଥ ଥିବା ବେଳେ ଅସ୍ତ୍ରପୋଚର ପରେ ଭୋର ସମୟରେ ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଥିଲା । ତାଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସେ ରୋଗୀଙ୍କୁ କୌଣସି ଚିକିତ୍ସା କରିନଥିଲେ କିମ୍ବା ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିନଥିଲେ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ରୋଗୀଙ୍କ ସଂପର୍କୀୟଙ୍କ ଠାରୁ ୬ହଜାର ଟଙ୍କା ନେଇ ଅସ୍ତ୍ରପୋଚାର କରିଥିବା ପରିବାର ପକ୍ଷରୁ କୁହାଯାଇଛି । ଆଜି ସକାଳେ ଅସ୍ତ୍ରପୋଚାର ପରେ ତାର ପେଟ ଫୁଲିଯାଇଥିବାରୁ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ରାସ୍ତାରେ ତାର ମୃତ୍ୟୁ ଘଟିଥିଲା । ତ୍ରୁଟିପୂର୍ଣ୍ଣ ଅସ୍ତ୍ରପୋଚାର ଦର୍ଶାଇ କ୍ଷତିପୂରଣ ଦାବିରେ ପରିବାର ପକ୍ଷରୁ ଆଜି ଅପରାହ୍ନରେ ଡାକ୍ତରଖାନା ସମ୍ମୁଖରେ ଶବ ରଖି ଧାରଣାରେ ବସିଛନ୍ତି । ଏହି ଧାରଣାକୁ ସମର୍ଥନ ଜଣାଇ କଂଗ୍ରେସ ବ୍ଲକ ସଭାପତି ରାଜୀବ ପରିଡା, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର ପ୍ରମୁଖ ଧାରଣାରେ ବସିଥିବା ବେଳେ ବିଜେପି ନେତା ସମୀର ପାତ୍ର ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ କୌଣସି ପ୍ରତିକାର ହେଉନଥିବା ଅଭିଯୋଗ କରିଛନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିଥିବା ବେଳେ ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ୍ ପହଞ୍ଚିଥିବା ଜଣାଯାଇଛି ।

ନିଆଁ ଲାଗି ଜଳିଗଲା ଗୋଦାମ ଘର

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁରରେ ଭୟାବହ ଅଗ୍ନିକାଣ୍ଡ । ଇରମ ପଂଚାୟତର ରଥପଦା ଠାରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ହୋଇଛି । ଏହି ଅଗ୍ନିକାଣ୍ଡରେ ୧୫ଟି ଦୋକାନ, ୨ଟି ଗୋଦାମ ଘର ଜଳିଯାଇଛି । ରଥପଦା ଠାରେ ପଦ୍ମନାଭ ଦାସଙ୍କ କମ୍ପ୍ଲେକ୍ସ ଥିବା ସମସ୍ତ ଦୋକାନ ପୋଡି ଯାଇଛି । ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ୍ତ କରିଥିବାବେଳେ ସବୁ କିଛି ପୋଡି ପାଉଁଶ ହେଇଯାଇଥିଲା । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । ସଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ପୋଲିସ ଘଟଣାର ତଦନ୍ତ କରୁଛି ।

ଘର ପୋଡିଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ମ୍ୟୁନସିପାଲିଟି ୪ ନଂ ୱାର୍ଡ ନେପାଳୀ ହଟିଂରେ ଅଭାବନୀୟ ଘଟଣା । ଗୋପାଳ ସୁବେଦୀଙ୍କ ଘର ଜାଳିଦେଲେ ଦୁର୍ବୃତ୍ତ । ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ନିଆଁ ଲାଗି ୱାଶିଂ ମେସିନ୍ ସହ କାର୍ପେଟ ଓ ପରଦା ଆଦି ପୋଡ଼ି ଯାଇଥିବା ସୂଚନା ମିଳିଛି ।

ମାଣବସା ଗୁରୁବାର ପାଇଁ ରୋଷେଇ ବନ୍ଦ: ମଧ୍ୟାହ୍ନ ଭୋଜନରେ ଛାତ୍ରୀ ଖାଇଲେ ପଖାଳ

ନୀଳଗିରି , ୧୪/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ବଡ଼ ଯୋଜନା ।୫-ଟି ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସହିତ ଉନ୍ନତ ମାନର ଶିକ୍ଷା , ସ୍ୱାସ୍ଥ୍ୟ, ରାସ୍ତା ନବୀକରଣ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ମୂଳକ ତ୍ୱରାନ୍ୱିତ ପଦକ୍ଷେପ ନେବାପାଇଁ ସରକାର ଦୃଢ ପ୍ରତିଶ୍ରୁତି ବଦ୍ଧ। ସରକାର ବିଶେଷ କରି ଶିକ୍ଷା କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେଇ ୫-ଟି ଯୋଜନାରେ ସାମିଲ କରି ଉନ୍ନତ ମାନର କୋଠା, ଶ୍ରେଣୀଗୃହ, ବିଜ୍ଞାନାଗାର ସହିତ ଆବଶ୍ୟକ ସଂଖ୍ୟକ ଶିକ୍ଷକ/ଶିକ୍ଷୟତ୍ରୀ ନିଯୁକ୍ତି ଦେଇଛନ୍ତି। ପିଲା ମାନଙ୍କୁ ପୁଷ୍ଟିକର ଖାଦ୍ୟ ପାଇଁ ମଧ୍ୟାହ୍ନ ଭୋଜନ ଦିଆଯିବା ସହ ହଷ୍ଟେଲ ବ୍ୟବସ୍ଥା କରୁଛନ୍ତି। ମାତ୍ର ଏତେସବୁ ଯୋଜନାର ସଫଳ ଚିତ୍ର ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ଚତର ଗ୍ରାମର ଉମା ଅର୍ଜୁନ ବାଳିକା ଉଚ୍ଚ ବିଦ୍ୟାଳୟରେ ଫେଲ ମାରିଛି। ଉକ୍ତ ବିଦ୍ୟାଳୟରେ ୯୩ଜଣ ଛାତ୍ରୀ ଅଧ୍ୟୟନ କରନ୍ତି। ମାତ୍ର ବିତୟନା ୧୪ତାରିଖ ମାର୍ଗଶିର ମାସ ଶେଷ ଗୁରୁବାର ଥିବାରୁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ସମେତ ୪ଜଣ ଶିକ୍ଷକ ଅନୁପସ୍ଥିତ ଥିବା ବେଳେ ବିଦ୍ୟାଳୟରେ ରୋଷେଇ କରୁଥିବା ରୋଷେଇୟା ମଧ୍ୟ ଅନୁପସ୍ଥିତ ଥିଲେ। ଏପରି ଖବର ପ୍ରଚାରିତ ହେବାପରେ ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା ଯେତେବେଳେ କି ଉପସ୍ଥାପନ ଖାତାରେ ଦସ୍ତଖତ ଥିଲା। ଏଥି ସହିତ ଅନ୍ୟ ତିନିଜଣ ଶିକ୍ଷକ ମଧ୍ୟ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।ମଧ୍ୟାହ୍ନ ଭୋଜନରେ ଛାତ୍ରୀ ମାନଙ୍କୁ ରୋଷେଇ ନକରି ପଖାଳ ସହିତ ଆଳୁଭଜା ଖାଇବାକୁ ଦିଆଯାଇଥିବା ନେଇ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିଲା। ଦାୟିତ୍ୱରେ ଥିବା ଶିକ୍ଷୟତ୍ରୀ ମାଣବସା ଯୋଗୁଁ ରୋଷେୟା ଜଣକ ସକାଳେ ରୋଷେଇ କରି ଘରକୁ ପଳାଇ ଯାଇଥିବା ସଫେଇ ଦେଇଛନ୍ତି। ଖବର ପାଇ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି।

ଯୁବ ବିକାଶ ଓ ନବୀନ ଓଡ଼ିଶାର ସାମାଜିକ ଯୌତୁକ ପ୍ରଥା ସଚେତନତା ଅଭିଯାନ

ଭଦ୍ରକ , ୧୪/୧୨ (ନି.ପ୍ର): ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟର ଯୁବ ବିକାଶ ଓ ନବୀନ ଓଡ଼ିଶା ପକ୍ଷରୁ ସାମାଜିକ ଯୌତୁକ ପ୍ରଥା ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ପୋରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ଭଦ୍ରକ ଲୋକ ସଂପର୍କ ଅଧିକାରୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୌତୁକ ପ୍ରଥା ଏକ ସାମାଜିକ ବ୍ୟାଧି। ଯଦି ଯୌତୁକ ପ୍ରଥାକୁ ସମାଜର